ବର୍ଷ-୨୪, ସଂଖ୍ୟା-୨୪୮
ଭୁବନେଶ୍ୱର
୦୮ ଅକ୍ଟୋବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 248
Bhubaneswar
08 October, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



### ନୂଆଦିଲ୍ଲୀରେ ମାଓ ଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଗୃହଙ୍କ ବୈଠକ

# ଅନ୍ତିମ ପ୍ରହାର ପାଇଁ ଆହ୍ୱାନ



**ନୂଆଦିଲ୍ଲୀ,୭।୧୦:** ଦେଶରେ ନକ୍ସଲ ବିରୋଧୀ ଅଭିଯାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଅନ୍ତିମ ଆଟାକର ଆବଶ୍ୟକତା ରହିଛି ବୋଲି ଆଜି ଦିଲ୍ଲୀରେ ଚାଲିଥିବା ମାଓ ମୁକାବିଲା ସମୀକ୍ଷା ବୈଠକରେ ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ଗୁରୁଦାୟିତ୍ୱ ଦେଇଛନ୍ତି ଶାହ। ବୈଠକରେ ଯୋଗଦେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ଛତିଶଗଡ଼ରେ ହୋଇଥିବା ନକ୍ସଲ ଦମନ ପରେ ଓଡ଼ିଶାକୁ ଅନୁପ୍ରବେଶ ଆଶଙ୍କା ଥିବାରୁ ଏକ ହେଲିକପ୍ଟର ଓ ୧୨କମ୍ପାନୀ ଫୋର୍ସ ସହାୟତା ମାଗିଛନ୍ତି ମୁଖ୍ୟମନ୍ତ୍ରୀ।

ମାଓ ଉପଦ୍ରୁତ ୮ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହେବା ସହ ମାଓ ପ୍ରଭାବିତ ଜିଲାର ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ଗୁରୁଦାୟିତ୍ୱ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ଗୃହ ମନ୍ତ୍ରୀ କହିଛନ୍ତି ଯେ, ନକ୍ସଲ ମୁକାବିଲା ନେଇ ପ୍ରତି ମାସରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସହ ପ୍ରତି ୧୫ଦିନରେ ଥରେ ସମୀକ୍ଷା କରିବେ। ପୁଲିସ ଡିଜି ଜିଲ୍ଲାସ୍ତରରେ ମାସକୁ ଥରେ ଯାଇ ସେଠାରେ ରାତ୍ରି ଯାପନ କରିବେ। ସୁରକ୍ଷା କର୍ମୀଙ୍କ ସହ ମିଶି ସେମାନଙ୍କ ମନୋବଳ ବଢାଇବେ ଡିଜିପି।

ଗୃହମନ୍ତ୍ରୀଙ୍କ ସୂଚନା ଅନୁସାରେ ଜାନୁଆରୀରୁ ଏଯାବତ ମୋଟ ୧୯୪ ନକ୍ସଲଙ୍କୁ ନିପାତ କରାଯାଇଛି। ୮୦୧ ନକ୍ସଲ ଗିରଫ ଏବଂ ୭୪୨ଜଣ ଆତ୍ମସମର୍ପଣ କରିଛନ୍ତି। ଦେଶରେ ଏବେ ନକ୍ସଲ ପ୍ରବଣ ଜିଲା ସଂଖ୍ୟା ୯୬ରୁ ୧୬କୁ ଖସିଥିବା ଶାହ ସୂଚନା ଦେଇଛନ୍ତି। ୧୬ ଜିଲାର ୧୨୦ ଥାନା ଅଞ୍ଚଳରେ ନକ୍ସଲ କାର୍ଯ୍ୟକଳାପ ଜାରି ରହିଛି। ଆଦିବାସୀ ଅଞ୍ଚଳରେ ବିକାଶର ମୁଖ୍ୟ ବାଧା ସାଜୁଛନ୍ତି ନକ୍ସଲ ସବୁଠାରୁ ଅଧିକ ମାନବାଧିକାର ହନନ ନକ୍ସଲଙ୍କ ଯୋଗୁଁ ହେଉଛି। ଏବେ ଅନ୍ତିମ ପ୍ରହାର କରି ଏହାକୁ ଶେଷ କରିବାକୁ ପଡ଼ିବ। ବୋଲି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୁଲିସ ଡିଜି ୱାଇ.ବି ଖୁରାନିଆ। ଯୋଗ ଦେଇଥିଲେ। ମାଓ ଅପରେସନରେ ସହାୟତା ପାଇଁ ଏକ ହେଲିକପ୍ଟର ଓ ୧୨କମ୍ପାନୀ ଫୋର୍ସ ସହାୟତା ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଛତିଶଗଡ଼ରେ ନକ୍ସଲ ଅପରେସନ ଜୋରଦାର କରାଯାଉଛି। ସେଠାକାର ନକ୍ସଲଙ୍କର ଓଡ଼ିଶାରେ ଅନୁପ୍ରବେଶ ସମ୍ଭାବନା ରହିଛି। ବିଶେଷ କରି ନୂଆପଡା, କନ୍ଧମାଳ, ମାଲକାନଗିରି ଜିଲା ପ୍ରତି ଫୋକସ ରହିଛି। ଏସମ୍ପର୍କରେ ବୈଠକରେ ଗୃହମନ୍ତ୍ରୀଙ୍କୁ ଅବଗତ କରାଇଛୁ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶମୂଳକ କାମ ପାଇଁ ସହଯୋଗ ଲୋଡାଯାଇଛି। ଗୁରୁତର ସହ ଏନେଇ ବିଚାର କରାଯିବ ବୋଲି ଗୃହମନ୍ତ୍ରୀ କଥା ଦେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାର ଟାର୍ଗେଟ ପୂରଣ ପାଇଁ କାମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ବିଜ୍ଞାନ ଭୁବନରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଛନ୍ତି ଓଡ଼ିଶା ସମେତ ୮ନକ୍ସଲ ପ୍ରବଣ ରାଜ୍ୟର ମୁଖ୍ୟମନ୍ତ୍ରୀ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ତେଲେଙ୍ଗାନା, ଝାଡଖଣ୍ଡ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ହସ୍ପିଟାଲରେ ରତନ ଟାଟା

ନୂଆଦିଲ୍ଲୀ,୭।୧୦(ମହାଭାରତ): ଭାରତର ଜଣାଶୁଣା ଉଦ୍ୟୋଗପତି ତଥା ଟାଟା ସନ୍ସର ପୂର୍ବତନ ଚେୟାରମ୍ୟାନ୍ ରତନ ଟାଟାଙ୍କ ସ୍ୱାସ୍ଥ୍ୟବାସ୍ଥା ବିଗିଡ଼ାବରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଜି ସକାଳୁ ମୁମ୍ବାଇର ବ୍ରିଜ କ୍ୟାଣ୍ଡି ହସ୍ପିଟାଲରେ ତାଙ୍କୁ ଆଡମିଟ୍ କରାଯାଇଛି। ବ୍ଲଡ ପ୍ରେସର ଲୋ' ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ପରେ ତାଙ୍କୁ ତୁରନ୍ତ ହସ୍ପିଟାଲର ଏମରଜେନ୍ସି ୱାର୍ଡକୁ ନିଆଯାଇଥିଲା। ଏହାପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତେବେ ସେ ସୁସ୍ଥ ଥିବା ଜଣାପଡିଛି।

ହସ୍ପିଟାଲରୁ ମିଳିଥିବା ସୂଚନା ଅନୁସାରେ ରତନ ଟାଟାଙ୍କୁ ଗୁରୁତର ଅବସ୍ଥାରେ ବିଳମ୍ବିତ ରାତି ସାଢ଼େ ୧୨ରୁ ୧ଟା ମଧ୍ୟରେ ହସ୍ପିଟାଲକୁ ଅଣାଯାଇଥିଲା। ଜଣାଶୁଣା ହୃଦୟ ରୋଗ ବିଶେଷଜ୍ଞ ଡାକ୍ତର ଶାହାରୁଖ ଏସପି ଗୋଲବାଲାଙ୍କ ନେତୃତ୍ୱରେ ବିଶେଷଜ୍ଞଙ୍କ ଏକ ଟିମ୍ ତାଙ୍କ ଚିକିତ୍ସା ଜାରି ରଖିଛନ୍ତି। ତାଙ୍କ ଅବସ୍ଥା ସ୍ଥିର ରହିଛି। ସେପଟେ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧରେ ନିଜେ ସୂଚନା ଦେଇଛନ୍ତି ରତନ ଟାଟା। ସେ ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କହିଛନ୍ତି 'ଗଣମାଧ୍ୟମରେ ପ୍ରସାରିତ ସମସ୍ତ ଖବର ଗୁଜବ। ସମସ୍ତଙ୍କୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଏହି ଦାବି ଗୁଡ଼ିକ ଭିତ୍ତିହୀନ।

## ସୁଭଦ୍ରା ପଞ୍ଜୀକରଣକୁ ସଫଳତା
## ଆକାଉଣ୍ଟକୁ ଆସିଲାନି ୧ ଟଙ୍କା

**ଭୁବନେଶ୍ୱର,୭।୧୦:** ଆଜି ସୁଦ୍ଧା ରାଜ୍ୟର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ଆସନ୍ତା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ।



ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଯିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ ଆରମ୍ଭ କରାଯାଇନାହିଁ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋଶାଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଇଛି। ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ ଖବର ପାଇଁ ସୁଭଦ୍ରାର ଅଫିସିଆଲ ୱେବସାଇଟ କିମ୍ବା ଅଫିସିଆଲ ସୋଶାଲ ମିଡିଆରକୁ ଅନୁସରଣ କରନ୍ତୁ ଅବା ଟୋଲ ଫ୍ରି ନମ୍ବର- ୧୪୬୭୮କୁ କଲ୍ କରନ୍ତୁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



## ବଦଳିବ ସରକାରୀ କୋଠାର ରଙ୍ଗ

ଭୁବନେଶ୍ୱର,୭।୧୦(ମହାଭାରତ): ସ୍କୁଲ ପିଲାଙ୍କ ପରେ ଏବେ ସରକାରୀ କୋଠାର ପାଳି ବଦଳିବ ସରକାରୀ କୋଠାର ରଙ୍ଗ। କୋଠାର ବାହ୍ୟ କାନ୍ଥ କମଳା ରଙ୍ଗର ହେବ। ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପକ୍ଷରୁ ଇଂଜିନିୟର ଇନ ଚିଫଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଯାଇଛି ଯେ ନୂଆ। ସରକାରୀ କୋଠା ବା ପୁରୁଣା କୋଠାର ରଙ୍ଗ ପରିବର୍ତ୍ତନ ହେବ ବାହାର କାନ୍ଥ କମଳା ରଙ୍ଗର ହେବାକୁ ଥିବାବେଳେ ବର୍ଡ଼ରରେ ନାଲି ରଙ୍ଗ ଦିଆଯିବ ଉଲ୍ଲେଖ ଥାଉ କି ଏହା ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳିବ ବୋଲି କୁହାଯାଇଥିଲା। ଗୋଟିଏ ବର୍ଷ ପରେ ରଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ଶିକ୍ଷାବର୍ଷରେ ବିଜେଡି ସରକାର ସମୟରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ 'ହଣ୍ଟର ଗ୍ରିନ୍' କରାଯାଇଥିଲା। ଏବେ ତାହାକୁ ବଦଳାଯାଇ ବାଦାମି ରଙ୍ଗର ଗାଢପକା ସାର୍ଟ ଓ ଖଇରିଆ। ରଙ୍ଗର ପ୍ୟାଣ୍ଟ ରଖିବାକୁ ନିଷ୍ପତ୍ତି ହୋଇଥିଲା।

## ଘରୋଇ ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ

ଭୁବନେଶ୍ୱର,୭।୧୦(ମହାଭାରତ): ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଘରୋଇ ବସ ମାଲିକ ସଂଘର ବୈଠକ ପରେ ବସ୍ ବନ୍ଦ ଡାକରା ପ୍ରତ୍ୟାହୃତ ହୋଇଛି। ଏନେଇ ଉଭୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ସନ୍ଧ୍ୟାରେ ହେବାକୁ ଥିବା ବନ୍ଦ ଡାକରାକୁ ନେଇ ଏଥିରେ ଆଲୋଚନା ହୋଇଥିଲା। ଆଜି ସନ୍ଧ୍ୟା ୭ଟା ରୁ ଆସନ୍ତାକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବନ୍ଦ ଡ଼ାକରା ଦେଇଥିଲା ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ଘରୋଇ ବସ ମାଲିକ ସଂଘ। ରାଜ୍ୟ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତଥା ବ୍ଲକ ଏବଂ ଜିଲ୍ଲା ସଦର ମହକୁମା ମଧ୍ୟରେ ଟାୟାର-ଟୁ ଏସି ବସ୍ ସେବା ନିଷ୍ପତ୍ତିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଥିଲା।

## ଫାଟକବିହୀନ ଜଳଭଣ୍ଡାରରେ ଲାଗିବ ଫାଟକ

**ଭୁବନେଶ୍ୱର,୭।୧୦(ମହାଭାରତ):** ରାଜ୍ୟର ସବୁ ଜଳଭଣ୍ଡାରଗୁଡ଼ିକରେ ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଗେଟ୍ (ଫାଟକ) ଲଗାଇ ଜଳଭଣ୍ଡାରରେ ଅଧିକ ଜଳ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାର ଏକ ନୂଆ

**୩ ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି**



ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଫାଟକବିହୀନ ଡ୍ୟାମରେ ଫାଟକ ସଂଯୋଗୀକରଣ ଯୋଜନାରେ ଆସନ୍ତା ୩ବର୍ଷ ମଧ୍ୟରେ ରାଜ୍ୟ ସରକାର ମୋଟ ୨୩୯.୬୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ୨୦୨୪-୨୫ରୁ ୨୦୨୬-୨୭ ମସିହା ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ।

ଆଜି ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଂକଳ୍ପ ପତ୍ର ଅନୁସାରେ ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ଓ ସର୍ବାଧିକ ଜଳସ୍ତର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୃଷ୍ଟିରେ ରଖି ଜଳର ଅତିରିକ୍ତ ସଂରକ୍ଷଣ କରାଯାଇପାରିବ। ଯାହାକୁ ପାନୀୟ ଜଳ, ସେଚାଞ୍ଚଳର ସ୍ଥିରୀକରଣ, ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି ତଥା ଶିଳ୍ପ ଆବଶ୍ୟକତା ଇତ୍ୟାଦିରେ ବ୍ୟବହୃତ କରିହେବ। ଏହାକୁ ଦୃଷ୍ଟିରେ ରଖି ଜଳର ସର୍ବୋତ୍କୃଷ୍ଟ ବ୍ୟବହାର ପାଇଁ ମହଜୁଦ୍ ଥିବା ଫାଟକବିହୀନ ଡ୍ୟାମରେ ଫାଟକ ସଂଯୋଗୀକରଣ ଯୋଜନାକୁ ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ। ଏଥିରେ ୨୩୯.୬୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ୧୯୦୯୭ ହେକ୍ଟର ସେଚଂଚଳ ସ୍ଥିରୀକରଣ ହେବାସହିତ ୨୭୫୦ହେକ୍ଟରର ଅତିରିକ୍ତ ସେଚଂଚଳ ସୃଷ୍ଟି କରାଯାଇପାରିବ। ଏହି ଯୋଜନା ମାଧ୍ୟମରେ ଜଳଭଣ୍ଡାର ନିଷ୍କାସନ ପଥର ଶୀର୍ଷ ଭାଗରେ କବଜା ଦ୍ୱାରା ଲଗାଯିବାକୁ ଥିବା ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଫାଟକ ଭଳି ନୂଆ ଟେକ୍ନୋଲୋଜି ବ୍ୟବହାର କରି ଜଳଭଣ୍ଡାରରେ ଅଧିକ ଜଳ ସଂରକ୍ଷିତ କରିହେବ। ଜମି ଅଧିଗ୍ରହଣ ତଥା ପୁନଃଥଇଥାନ ଓ ପୁନର୍ବସତିର କୌଣସି ସମସ୍ୟା ଜଡ଼ିତ ନୁହେଁ କିମ୍ବା ଏହା ପୂର୍ବ ବିଦ୍ୟମାନ ସ୍ପିଲୱେ ତଥା ପ୍ରମୁଖ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରିବ ନାହିଁ।

ଏହି ଯୋଜନା ମାଧ୍ୟମରେ ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୪୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପ୍ରାୟତଃ ୧୨୪ ମିଲିୟନ କ୍ୟୁବିକ୍ ମିଟରର ଅତିରିକ୍ତ ଜଳଧାରଣ କ୍ଷମତା ସୃଷ୍ଟି କରାଯିବା ସହ ୧୯୦୯୭ ହେକ୍ଟର ସ୍ୱଂୟଂଚଳ ସ୍ଥିରୀକରଣ ଓ ୨୭୫୦ ହେକ୍ଟର ଅତିରିକ୍ତ ସେଚଂଚଳ ସୃଷ୍ଟି କରାଯାଇପାରିବ। ଜଳଭଣ୍ଡାରରେ ଜଳର ନିୟନ୍ତ୍ରଣ ଦ୍ୱାରା ଜଳାଭାବ ଦୂର ହେବାସହିତ ଜଳର ଗୁଣବତ୍ତାରେ ଉନ୍ନତି ପରିଲକ୍ଷିତ ହେବ। ଏହି ଯୋଜନା ଦ୍ୱାରା ଡ୍ୟାମର ତଳମୁଣ୍ଡରେ ଜଳପ୍ରବାହକୁ ନିୟନ୍ତ୍ରଣ କରାଯାଇ ଜଳର ସର୍ବୋତ୍କୃଷ୍ଟ ବ୍ୟବହାର କରିହେବ ରାଜ୍ୟ ସରକାରଙ୍କ ନିଜସ୍ ସମ୍ବଳରୁ ଜଳସମ୍ପଦ ବିଭାଗର ଯୋଜନା ପାଣ୍ଠି ମାଧ୍ୟମରେ ୨୦୨୪-୨୫ରୁ ୨୦୨୬-୨୭ରୁ ଏହି ୨୩୯.୬୦କୋଟି ଖର୍ଚ୍ଚ କରାଯିବ

### ଆଜି ହରିୟାଣା ଓ ଜାମ୍ମୁ-କାଶ୍ମୀର ଫଳାଫଳ

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ରାତି ପାହିଲେ ହରିୟାଣା ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ। ଆସନ୍ତାକାଲି ସକାଳ ୮ଟାରୁ ଭୋଟ ଗଣତି ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଏକଜିଟ ପୋଲ କହିଛି ଯେ ହରିୟାଣାରେ କଂଗ୍ରେସ ଶାସନକୁ ୧୦ ବର୍ଷ ପରେ ଫେରିବ। କିନ୍ତୁ ଜମ୍ମୁ-କଶ୍ମୀରରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିବ ନାହିଁ।

ତେବେ ଜାମ୍ମୁ-କାଶ୍ମୀରକୁ ନେଇ ଦେଶ ରାଜନୀତି ଚଳଞ୍ଚଳ ହୋଇଛି। ନ୍ୟାଶନାଲ କନଫରେନ୍ସ ଓ କଂଗ୍ରେସ ମେଣ୍ଟ ଜମ୍ମୁ-କଶ୍ମୀରରରେ ସର୍ବାଧିକ ଆସନ ଜିତିବାକୁ ଥିବା ବେଳେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିପାରିବ ନାହିଁ।ଏପରି ସ୍ଥିତିରେ ମେହବୁବା ମୁଫତିଙ୍କ ପିଡିପି କିଙ୍ଗ ମେକର ସାଜିପାରେ।

ନିର୍ବାଚନ ପୂର୍ବରୁ ମତ ପାର୍ଥକ୍ୟ ଯୋଗୁ ଏନସି-କଂଗ୍ରେସ ସହ ପିଡିପିର ମେଣ୍ଟ ହୋଇ ନଥିଲା। କିନ୍ତୁ ଏକଜିଟ ପୋଲ ଝୁଲା ବିଧାନସଭାର ସଙ୍କେତ ଦେଇଥିବାରୁ ଏନସି-କଂଗ୍ରେସ ଜମ୍ମୁ-କଶ୍ମୀରରେ ପିଡିପି ସହ ମେଣ୍ଟ କରିବେ ବୋଲି ସଙ୍କେତ ମିଳିଛି। ଯଦି ଦରକାର ପଡ଼ିବ, ତାହେଲେ ଏନସି-କଂଗ୍ରେସ ମେହବୁବା ମୁଫତିଙ୍କ ସହ ମେଣ୍ଟ କରିବାକୁ ପଛାଇବେ ନାହିଁ ବୋଲି ଏନସିର ସଭାପତି ଫାରୁକ ଅବଦୁଲ୍ଲା କହିଛନ୍ତି। ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ସେ କହିଛନ୍ତି ବେକାରୀ ଓ ଜମ୍ମୁ-କଶ୍ମୀରରେ ପ୍ରେସ ସ୍ୱାଧୀନତା ପ୍ରସଙ୍ଗରେ କଂଗ୍ରେସ ଓ ଏନସି ନିଶ୍ଚିତ ଭାବେ ପିଡିପିକୁ ନିଜ ସହ ସାମିଲ କରିପାରନ୍ତି।

## ମେଡିସିନରେ ଦୁଇ ଜଣଙ୍କୁ ନୋବେଲ

ନୂଆଦିଲ୍ଲୀ,୭।୧୦: ଚଳିତ ବର୍ଷ ପାଇଁ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆଜି ଚିକିତ୍ସା କ୍ଷେତ୍ର ପାଇଁ ନୋବେଲ ବିଜେତାଙ୍କ ନାମ ଘୋଷଣା ହୋଇଛି। ଏଥର ଦୁଇ ଜଣ ମିଳିତ ଭାବେ ନୋବେଲ ପାଇବେ।

ବୈଜ୍ଞାନିକ ଭିକ୍ଟୋର ଆମ୍ବ୍ରୋସ ଏବଂ ଗ୍ୟାରୀ ରୁବକୁନଙ୍କୁ ନୋବେଲ ଦିଆଯିବ। ମେଡିସିନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନେ ଏହି ପୁରସ୍କାର ପାଇବେ। ଉଭୟଙ୍କୁ ମାଇକ୍ରୋ ଆରଏନଏ ର ସନ୍ଧାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ଘୋଷଣା ସମୟରେ ନୋବେଲ ଆସେମ୍ବଲି ଏକ ବିବୃତିରେ କହିଛି ଯେ, ଭିକ୍ଟୋର ଆମ୍ବ୍ରୋସ ଏବଂ ଗ୍ୟାରୀ ରୁବକୁନ ବିଭିନ୍ନ ସେଲ୍ ପ୍ରକାରର ବିକାଶ କ୍ଷେତ୍ରରେ ଅନୁସନ୍ଧାନ ଜାରି ରଖିଥିଲେ। ଉଭୟ ଏକ କ୍ଷୁଦ୍ର ରାଇବୋନ୍ୟୁକ୍ଲିକ ଏସିଡ (ଆରଏନ୍ଏ) ମୋଲେକ୍ୟୁଲର ନୂତନ ଶ୍ରେଣୀ ମାଇକ୍ରୋ ଆରଏନଏ ଆବିଷ୍କାର କରିଥିଲେ। ଏହି ମାଇକ୍ରୋ ଆରଏନଏ ଜିନ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ନିଭାଇଥାଏ।

ଉଭୟଙ୍କ ଏହି ଆବିଷ୍କାର ଚିକିତ୍ସା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଅବଦାନୟ ଙ୍କସମକ୍କୃଜଘଇ ଆବିଷ୍କାର ଜିନ୍ ନିୟନ୍ତ୍ରଣ ପାଇଁ ନୂଆ। ଆଇଡିଆ। ଦେଇଥିଲା, ଯାହା ମାନବ ସମେତ ବହୁକୋଷୀୟ ଜୀବ ପାଇଁ ଜରୁରୀ ପ୍ରମାଣିତ ହୋଇଥିଲା ବୋଲି ନୋବେଲ ଆସେମ୍ବଲି କହିଛିୟ



ପ୍ରକାଶ ଥାଉକି, ପ୍ରତିବର୍ଷ ପାଞ୍ଚଟି କ୍ଷେତ୍ର (ମେଡିସିନ, ଫିଜିକ୍ସ, କେମିଷ୍ଟ୍ରୀ, ସାହିତ୍ୟ, ଅର୍ଥନୀତି ଓ ଶାନ୍ତି)ରେ ଉତ୍କୃଷ୍ଟତା ପାଇଁ ଏହି ପୁରସ୍କାର ଦିଆଯାଏ। ସ୍ୱିଡେନର ରସାୟନବିତ, ବୈଜ୍ଞାନିକ, ବ୍ୟବସାୟୀ ଏବଂ ସର୍ବୋପରି ଡିନାମାଇଟର ଉଦ୍ଭାବକ ଆଲଫ୍ରେଡ ନୋବେଲ ଏହିସମ୍ମାନଜନକ ପୁରସ୍କାରର ସୃଷ୍ଟିକର୍ତ୍ତା। ତାଙ୍କ ନାମ ଅନୁସାରେ ପ୍ରତିବର୍ଷ ନୋବେଲ ପୁରସ୍କାର ଦିଆଯାଉଛି। ଡିସେମ୍ବର ୧୦, ଆଲଫ୍ରେଡ ନୋବେଲଙ୍କ ଜନ୍ମତାରିଖ ଅବସରରେ ବିଜେତାଙ୍କୁ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଏ। ନୋବେଲ ବିଜେତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୧୦ ନିୟୁତ ସ୍ୱିଡେନ କ୍ରୋନୋର (ପ୍ରାୟ ୯୦୦,୦୦୦ ଡଲାର) ଦିଆଯାଏ।

## ଖଣିରେ ବିସ୍ଫୋରଣ, ୭ ଶ୍ରମିକ ମୃତ

କୋଲକାତା,୭।୧୦(ମହାଭାରତ): ପଶ୍ଚିମବଙ୍ଗର ବୀରଭୂମିରେ ଘଟିଛି ଏହି ଅଘଟଣ। କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ହେବାରୁ ପ୍ରାଣ ହରାଇଛନ୍ତ ୭ ଶ୍ରମିକ। ସେହିପରି ଅନେକ ଆହତ ହୋଇଥିବା କୁହାଯାଉଛି। ତେବେ କେଉଁ କାରଣରୁ ଏହି ବିସ୍ଫୋରଣ ଘଟିଛି ତାହା ଜଣାପଡି ନାହିଁ।

ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବିବା ଆଶଙ୍କା ରହିଛି। ଏଥିସହ ଖଣି ଭିତରେ କେତେ ଜଣ ଶ୍ରମିକ କାମ କରୁଥିଲେ ସେ ନେଇ କୌଣସି ସୂଚନା ମିଳିନାହିଁ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଆଖପାଖରେ ଥିବା ଗାଡ଼ିଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି। ଯେଉଁ କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଥିଲା ତାହା ବୀରଭୂମ ଜିଲ୍ଲାର ଲୋକପୁର ପୁଲିସ ଷ୍ଟେସନ ଅଞ୍ଚଳରେ ଅବସ୍ଥିତ। କମ୍ପାନୀର ନାମ ହେଉଛି ଗଙ୍ଗାରାମଚକ୍ ମାଇନିଂ ପ୍ରାଇଭେଟ ଲିମିଟେଡ୍ କୋଲିୟର। ଯେଉଁଠାରେ କୋଇଲା କ୍ରସିଂ ସମୟରେ ଏହା ଖଣିରେ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଅନେକ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ସେପଟେ ଖବର ପାଇ ସ୍ଥାନୀୟ ବିଜେପି ବିଧାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ, ଅଗ୍ନିଶମ ବିଭାଗର ଏକ ଟିମ୍ ଓ ୪ରୁ ୫ଟି ଆମ୍ବୁଲାନ୍ସ ଘଟଣାସ୍ଥଳରେ ନିୟୋଜିତ ଅଛି।

### କୋଲକାତା ଆର ଜି କର ହସ୍ପିଟାଲ ହରର

## ସିବିଆଇର ଚାର୍ଜସିଟ୍ ଦାଖଲ

**କୋଲକାତା,୭।୧୦(ଏଜେନ୍ସି):** କୋଲକାତାର ଆରଜି କର ମେଡିକାଲ କଲେଜରେ ଜଣେ ତାଲିମପ୍ରାପ୍ତ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସିବିଆଇ ଆଜି ଚାର୍ଜସିଟ ଦାଖଲ କରିଛି। କୋଲକାତାର ସିଆଲଦା କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟରେ ସିବିଆଇ ପ୍ରକାଶ କରିଛି ଯେ ଡାକ୍ତରଙ୍କ ସହ ଗଣଦୁଷ୍କର୍ମ କରାଯାଇନାହିଁ। କେବଳ ସଞ୍ଜୟ ରାୟ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହି ଅପରାଧ କରିବା ପରେ ସେ ଡାକ୍ତରଙ୍କ ଜୀବନ ନେଇଥିଲେ। ଜୀବନ ନେବା ଓ ଦୁଷ୍କର୍ମ କରିଥିବା ଆଧାରରେ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ବିରୋଧରେ ସିବିଆଇ ଏକ ଚାର୍ଜସିଟ ଦାଖଲ କରିଛି। ଅଧିକ ଅନୁସନ୍ଧାନ ପରେ ସିବିଆଇ ଏହି ମାମଲାରେ ଆଉ ଏକ ଚାର୍ଜସିଟ୍ ଦାଖଲ କରିବ ବୋଲି କୁହାଯାଉଛ।

ଏହି ମାମଲାରେ ସିବିଆଇ ଏହାର ଚାର୍ଜସିଟ ସହ କୋର୍ଟରେ ଅନ୍ୟ ସମସ୍ତ ତଥ୍ୟ ଉପସ୍ଥାପନ କରିଛି। ଏବେ ଆଶା କରାଯାଉଛି ଯେ ସିବିଆଇ ଚାର୍ଜସିଟ୍ ପରେ ଶୀଘ୍ର ନ୍ୟାୟ ମିଳିବ। ସଞ୍ଜୟ ରାୟ ଡାକ୍ତରଖାନାର ସିଭିକ୍ ୱେଲଫେୟାର ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରୁଥିଲେ। ଡାକ୍ତରଖାନାର ମୁଖ୍ୟ ଫାଟକର ସିସିଟିଭି ଏବଂ ମୃତ ଶରୀର ନିକଟରେ ପଡ଼ିଥିବା ଅଭିଯୁକ୍ତ ସଞ୍ଜୟ ରାୟଙ୍କ ବ୍ଲୁଟୁଥ୍ ଉପକରଣ ଏହି ଘଟଣାରେ ସଞ୍ଜୟ ରାୟଙ୍କ ଭୂମିକାକୁ ନିଶ୍ଚିତ କରିଥିଲା। କୁହାଯାଇଥିଲା ଯେ ୮ଅଗଷ୍ଟ ସକାଳେ କୋଲକାତା ଆସିବା ପରେ ସଞ୍ଜୟ ଆର.ଜି କର ହସ୍ପିଟାଲରେ ପହଞ୍ଚିଥିଲେ। ସେ ଜଣେ ଦଲାଲ ଭାବରେ କାର୍ଯ୍ୟ କରୁଥିଲେ। ରୋଗୀଙ୍କୁ ଭର୍ତ୍ତି କରିବାରେ ତାଙ୍କର ସାହାଯ୍ୟ ଯୋଗୁ ତାଙ୍କୁ ଆରଜି କର ହସ୍ପିଟାଲରେ ମୁକ୍ତ ଭାବରେ ପ୍ରବେଶ କରିବାର ଅନୁମତି ଦିଆଯାଇଥିଲା। ଅଗଷ୍ଟ ୯ ରେ ରାତି ୧ ଟାରେ ସଞ୍ଜୟ ରାୟ ପରଦିନ ଅସ୍ତ୍ରୋପଚାର କରାଯିବା ରୋଗୀଙ୍କ ସହାୟତା ପାଇଁ ଡାକ୍ତରଖାନାକୁ ଫେରିଥିଲେ। ତା'ପରେ ରାତିରେ ସେ ଡାକ୍ତରଖାନା ପଛରେ ଥିବା ବିଲ୍ଡିଂରେ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ମଦ୍ୟପାନ କରିଥିଲେ। ଭୋର୍ ୩ଟା ସମୟରେ ସଞ୍ଜୟ ହସ୍ପିଟାଲର ତୃତୀୟ ମହଲାକୁ ଫେରିଥିଲେ। କିଛି ସମୟ ପରେ ସେ ସେମିନାର ହଲରେ ପ୍ରବେଶ କରିଥିଲେ। ସେଠାରେ ଟ୍ରେନିଂ ଡାକ୍ତର ବିଶ୍ରାମ ନେଉଥିଲେ।। ଦୁଷ୍କର୍ମ ପରେ ସେ ଡାକ୍ତରଙ୍କ ଜୀବନ ନେଇଥିଲେ।




### ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଓଏସ୍‌ଡ଼ି ପାଇଁ ଗାଇଡଲାଇନ୍

**ଭୁବନେଶ୍ୱର, ୭।୧୦(ମହାଭାରତ):** ମନ୍ତ୍ରୀମାନଙ୍କ ପ୍ରାଇଭେଟ ସେକ୍ରେଟେରୀ ବା ବ୍ୟକ୍ତିଗତ ସଚିବ ଏବଂ ଓଏସଡ଼ି ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଗାଇଡଲାଇନ ବା ମାର୍ଗଦର୍ଶିକ ଜାରି କରାଯାଇଛି।

ଏହି ଗାଇଡଲାଇନ ଅନୁଯାୟୀ, ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ସଚିବ ହୋଇପାରିବେ। ଯୁଗ୍ମ ସଚିବ କିମ୍ବା ଅନୁ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ଓଏସଡ଼ି ନିଯୁକ୍ତ ହୋଇପାରିବେ। ବ୍ୟକ୍ତିଗତ ସଚିବଙ୍କଠାରୁ ଓଏସଡ଼ି ଗୋଟିଏ ପାହ୍ୟା ଜୁନିୟର ହୋଇଥିବା ଆବଶ୍ୟକ। ଯଦି ଜଣେ ଅଫିସର ପୂର୍ବରୁ ପ୍ରାଇଭେଟ ସେକ୍ରେଟାରୀ ବା ଓଏସଡ଼ି ଥିବେ, ତା'ହେଲେ ତାଙ୍କୁ ନୂଆ କରି ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବାକୁ ହେଲେ ୫ ବର୍ଷ ବ୍ୟବଧାନ ରଖାଯିବା ଜରୁରୀ। ଅର୍ଥାତ୍ ଏହି ପଦବୀରେ ପୂର୍ବ ନିଯୁକ୍ତି ଓ ବର୍ତ୍ତମାନ ନିଯୁକ୍ତି ମଧ୍ୟରେ ୫ ବର୍ଷ ବ୍ୟବଧାନ ରହିବା ବାଞ୍ଛନୀୟ। ଯେଉଁ ଅଧିକାରୀମାନଙ୍କୁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ବା ଓଏସଡ଼ି ଭାବେ ନିଯୁକ୍ତି ଦିଆଯିବ, ସେମାନଙ୍କ ନାଁରେ କୌଣସି ପ୍ରକାର ଶୃଙ୍ଖଳାଗତ ମାମଲା, ଭିଜିଲାନ୍ସ କିମ୍ବା ଫୌଜଦାରୀ ମାମଲା ନଥିବ। ସେମାନଙ୍କ ସିସିଆର/ପିଏଆରରେ କୌଣସି ପ୍ରକାର ନକାରାତ୍ମକ ମନ୍ତବ୍ୟ ନଥିବା ଆବଶ୍ୟକ।

## ତିର୍ତ୍ତୋଲ ବ୍ଲକ୍ ସହକାରୀ ଯନ୍ତ୍ରୀ ନିଲମ୍ବିତ

ଜଗତସିଂହପୁର,୭।୧୦(ମହାଭାରତ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକର ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କୁ ନିଲମ୍ବନ କରାଯାଇଛି। ଗୋପାଳପୁର ପଞ୍ଚାୟତରେ ହୋଇଥିବା ଏକ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପାସ୍ କରିଦେବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀ ୧୦% ପିସି ମାଗିବାର ଅଡିଓ ଭାଇରାଲ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତରାଜ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଗତସିଂହପୁର ପିଡି ଡିଆରଡିଏଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି କେଉଁଆଡ଼େ ଯାଇପାରିବେ ନାହିଁ।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚଟ ମସଲା, ଜଳଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚଟ ମସଲା ଓ ଜଳଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





..... ପରଦା ଖବର ......

# ରିଲିଜ୍ ହେଲା 'ସିଙ୍ଘମ ଏଗେନ୍'ର ଦମଦାର ଟ୍ରେଲର




ପ୍ରଶଂସକମାନେ ବଲିଉଡ ସୁପରଷ୍ଟାର ଅଜୟ ଦେବଗନଙ୍କ ଫିଲ୍ମ 'ସିଙ୍ଘମ ଏଗେନ୍'ର ରିଲିଜ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଚଳିତ ବର୍ଷ ଦୀପାବଳି ଅବସରରେ ଏହି ଫିଲ୍ମ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବିବାରେ ଲାଗିଥିବା ବେଳେ 'ସିଙ୍ଘମ ଏଗେନ୍'ର ଟ୍ରେଲର ଏବେ ନିର୍ମାତା ରିଲିଜ୍ କରିଛନ୍ତି। ଟ୍ରେଲର ରିଲିଜ୍ ପରେ ଫିଲ୍ମ ଦେଖିବାକୁ ନେଇ ଲୋକଙ୍କ ମନରେ ଥିବା ଉତ୍ସାହ ୧୦୦ଗୁଣ ବଢ଼ିଯାଇଥିବା ଦେଖାଯାଇଛି। ଫିଲ୍ମକୁ ନେଇ ଯେତିକି ଆଶା ଥିଲା ଟ୍ରେଲର ରିଲିଜ୍ ପରେ ଫିଲ୍ମଟି ଆହୁରି ଦମଦାର ହେବ ବୋଲି ଦର୍ଶକ ମତ ରଖିବା ଆରମ୍ଭ କଲେଣି। 'ସିଙ୍ଘମ ଏଗେନ୍'ର କାହାଣୀ ରାମାୟଣ ଦ୍ୱାରା ଅନୁପ୍ରାଣିତ ଟ୍ରେଲରରେ ଦେଖାଯାଇଛି ଯେ, ଅଜୟ ଦେବଗନ୍ ତାଙ୍କ ସୀତା ପାଇଁ ଲଙ୍କାକୁ ଜାଳିବାକୁ ବାହାରିଛନ୍ତି ଆକ୍ସନରେ ଭରପୂର ଥିବା ଫିଲ୍ମରେ ଲେଡି ସିଙ୍ଘମ ଭୂମିକାରେ ଦୀପିକାଙ୍କ ଅଭିନୟ ଦର୍ଶକଙ୍କୁ ପସନ୍ଦ ଆସୁଛି। ଏହା ସହ ଫିଲ୍ମରେ ଅଭିନେତା ଟାଇଗର ଶ୍ରଫ୍, ରଣବୀର ସିଂହ ଓ ଅକ୍ଷୟ କୁମାରଙ୍କ ଏଣ୍ଟ୍ରି ବହୁତ ଦମଦାର ଥିବା ଦେଖିବାକୁ ମିଳିଛି। 'ସିଙ୍ଘମ ଏଗେନ୍'ରେ ଅଜୟ ଦେବଗନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବାକୁ ଥିବା ବେଳେ କରୀନା କପୁର ଖାନ୍, ରଣବୀର ସିଂ, ଅକ୍ଷୟ କୁମାର, ଦୀପିକା ପାଦୁକୋନ୍, ଟାଇଗର ଶ୍ରଫ୍, ଆଶୁତୋଷ ରାଣା, ଦୟାନନ୍ଦ ସେଟ୍ଟୀ ଏବଂ ଶ୍ୱେତା ତିୱାରୀ ମଧ୍ୟ ଏହି ଚଳଚ୍ଚିତ୍ରର ନଜର ଆସିବେ। ଅଭିନେତା ଅର୍ଜୁନ କପୁର ଭିଲେନ ଭୂମିକାରେ ନଜର ଆସିବେ ବୋଲି ଜଣାଯାଇଛି।

## ଚକ୍ଷୁର ଯତ୍ନ



ଆଳୁରେ ପାଣି ଭାଗ ରହିବା ସହ ଭିଟାମିନ ସି ଓ ପୋଟାସିୟମ ଅଧିକ ପରିମାଣରେ ଥାଏ। ଏହାକୁ ନିୟମିତ ୧୦ ରୁ ୧୫ ମିନିଟ ଲଗାଇଲେ ଆଖି ପାଇଁ ଖୁବ ଲାଭଦାୟକ ଅଟେ। ଆଖିରେ ବିଶେଷ କରି ଆଖିର ତଳ ଭାଗରେ ଗୋଲାପ ଜଳକୁ ତୁଳା ସାହାଯ୍ୟରେ ବ୍ୟବହାର କରିବା ଦ୍ୱାରା ଆଖି କୁଣ୍ଡାଇ ହେବା, ଲାଲ ହେବା ଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। କାକୁଡ଼ିରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଏ। ଏହା ଆଖିର ଥକ୍କାପଣ ଦୂର କରିଥାଏ। ଆଖି ତଳର କଳା ଦାଗ ଦୂର କରିବା ସହ ଏହାର ସୌନ୍ଦର୍ଯ୍ୟ ବଢାଇଥାଏ। କାକୁଡ଼ିକୁ ଗୋଲ ଆକୃତିର ଦୁଇଫାଳ କାଟି ନିୟମତି ୧୫ ରୁ ୨୦ ମିନିଟ ଆଖି ଉପରେ ରଖନ୍ତୁ। ଆଖି ପାଇଁ ଏହା ଖୁବ ଲାଭଦାୟକ। ଲିଚୁ ଖାଇବା ପାଇଁ ଯେପରି ସ୍ୱାଦିଷ୍ଟ ଅଟେ। ସେପରି ଆଖି ପାଇଁ ମଧ୍ୟ ଲାଭଦାୟକ ଅଟେ। ଏଥିରେ ଥିବା ଆଣ୍ଟି-ଅକ୍ସାଇଡ ଆଖିର ଦାଗ ଦୂର କରିବା ସହ ଏହାର ଉଜ୍ଜ୍ୱଳତା ବଢାଇଥାଏ।ଏହାକୁ ଦୁଇଫାଳ କରି ଆଖିରେ ଲଗାଇ ୨୦ ରୁ ୩୦ ମିନିଟ ରଖିଲେ ଏହା ଆଖି ପାଇଁ ଖୁବ ଉପକାରୀ ହୋଇଥାଏ।

# ନବରାତ୍ରରେ ଏଭଳି କାର୍ଯ୍ୟ କରନ୍ତୁ ନାହିଁ



ଶାରଦୀୟ ନବରାତ୍ର ପର୍ବ ହିନ୍ଦୁଧର୍ମର ପ୍ରମୁଖ ପର୍ବ। ନଅ ଦିନ ଯାଏଁ ପାଳନ ହେଉଥିବା ଏହି ପର୍ବ ମା'ଦୁର୍ଗାଙ୍କର ନଅ ସ୍ୱରୂପର ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ସମୟରେ ଏପରି କିଛି କାର୍ଯ୍ୟ ରହିଛି ଯାହା କରିବା ଅନୁଚିତ ଓ ସେହି ଦିଗ ପ୍ରତି ବିଶେଷ ଧ୍ୟାନ ରଖିବା ମଧ୍ୟ ଆବଶ୍ୟକ ଅଟେ। ନବରାତ୍ର ସମୟରେ ଘରେ କଳସ ସ୍ଥାପନା କରାଯିବା ସହ ଅଖଣ୍ଡ ଜ୍ୟୋତି ମଧ୍ୟ ପ୍ରଜ୍ୱଳନ କରାଯାଏ। ଘରେ ଭଜନ କିର୍ତ୍ତନର ଆୟୋଜନ କରାଯାଏ। ତେଣୁ ଏହି ସମୟରେ ଘରକୁ ଛାଡ଼ି ଅନ୍ୟ କେଉଁ ସ୍ଥାନକୁ ଯାଆନ୍ତୁ ନାହିଁ। ନବରାତ୍ର ସମୟରେ ଖାଦ୍ୟରେ ପିଆଜ, ରସୁଣ ଓ ଆମିଷ ଖାଆନ୍ତୁ ନାହିଁ। ନବରାତ୍ର ବ୍ରତ ସମୟରେ ନଅ ଦିନ ପର୍ଯ୍ୟନ୍ତ ଖାଦ୍ୟରେ ଅନ୍ନ ଓ ଲୁଣ ସେବନ କରନ୍ତୁ ନାହିଁ। ଏହି ସମୟରେ ପାଣି ସିଙ୍ଗଡାର ଅଟା, ସାବୁଦାନା, ଫଳ, ଆଳୁ, ବାଦାମ ଆଦି ଖାଇପାରିବେ। ବ୍ରତ ପାଳନ କରୁଥିବା ଭକ୍ତ ଚମଡାର ବେଲ୍ଟ, ଚପଲ, ପର୍ସ ଆଦିର ବ୍ୟବହାର କରନ୍ତୁ ନାହିଁ। ନବରାତ୍ର ବ୍ରତର ନିୟମ ଅନୁଯାୟୀ, ବ୍ରତ ପାଳନ କରୁଥିବା ଭକ୍ତ କେଶ, ଦାଢି ଆଦି କାଟନ୍ତୁ ନାହିଁ। ଏହି ସମୟରେ ନଖ କାଟନ୍ତୁ ନାହିଁ। ନବରାତ୍ରରେ ବ୍ରତର ନିୟମ ଅନୁଯାୟୀ, ବ୍ରତ ପାଳନ କରୁଥିବା ଭକ୍ତ କଳାରଙ୍ଗର ପୋଷାକ ଧାରଣ କରନ୍ତୁ ନାହିଁ। ଦିନ ସମୟରେ ଶୁଅନ୍ତୁ ନାହିଁ। ଖଟରେ ମଧ୍ୟ ଶୁଅନ୍ତୁ ନାହିଁ। ଏହାସହ ମା'ଙ୍କ ପୂଜା ସମର୍ପଣର ଭାବନାରେ କରନ୍ତୁ।

# ସୁନେଲୀ ରଙ୍ଗର ତ୍ୱଚା ପାଇଁ



ସାଧାରଣତଃ ସୁନ୍ଦର ଓ ଚିକ୍କଣ ତ୍ୱଚା ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏ। ଏଥିପାଇଁ ଲୋକେ ଅନେକ ଉପାୟ ଆପଣାଇ ଥାଆନ୍ତି। ହେଲେ କାହାକୁ ସୁଫଳ ମିଳେ ତ ପୁଣି ଆଉ କାହାର ବିଭିନ୍ନ ସାମଗ୍ରୀର ବ୍ୟବହାର କରିବା ଦ୍ୱାରା ପ୍ରତିକ୍ରିୟା ସୃଷ୍ଟି ହୋଇ ବିପରୀତ ଫଳ ମିଳିଥାଏ। ତେବେ ଏପରି କିଛି ଘରୋଇ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ତ୍ୱଚା ଉଜ୍ଜ୍ୱଳ ଓ ଚିକ୍କଣ ହୋଇଥାଏ। ଚାଲନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ:

ଯଦି ଆପଣଙ୍କ ତ୍ୱଚା ତେଲିଆ ଓ ମୁହଁରେ ବ୍ରଣ ହେଉଛି, ପାଚିଲା ଅମୃତଭଣ୍ଡା ବଟା, ଚନ୍ଦନ ପାଉଡର କିମ୍ବା ମୁଲତାନି ମାଟି, ମହୁକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବାଦ୍ୱାରା ଆପଣଙ୍କ ତ୍ୱଚାର ତେଲିଆ ପଣ କମିଯିବ, ବ୍ରଣ ସମସ୍ୟା ଦୂର ହେବ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯିବ। ମୁହଁ ପାଇଁ ମହୁ ଖୁବ୍ ଲାଭଦାୟକ ହୋଇଥାଏ। ମାତ୍ର ଗୋଟିଏ ବୁନ୍ଦା ମହୁ ଆଣି ସେଥିରେ ସାମାନ୍ୟ ଗୋଲାପ ଜଲ ମିଶ୍ରଣ କରି ତାହାକୁ ମୁହଁରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଲିସ କରନ୍ତୁ। ଦେଖିବେ ଆପଣଙ୍କ ମୁହଁ ସଫା ରହିବା ସହ ନରମ ମଧ୍ୟ ଲାଗିବ। ହଳଦୀ ମଧ୍ୟ ତ୍ୱଚା ପାଇଁ ବହୁତ ଉପକାରୀ। ଆପଣ ସାମାନ୍ୟ ହଳଦୀଗୁଣ୍ଡ ହାତରେ ନିଅନ୍ତୁ। ସେଥିରେ ଟିକେ ମହୁ ଓ ପାଣି ମାଶାଇ ମିଶ୍ରଣ କରି ମୁହଁରେ ଲେପ ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଚେହେରାରେ ଔଜଲ୍ୟ ଆଣିଥାଏ। ଘରେ ଯଦି ମରା ନଡ଼ିଆ ତେଲ ଅଛି ତେବେ ଖୁବ୍ ଭଲ। ମରା ନଡ଼ିଆ ତେଲକୁ ମୁହଁରେ ଦୈନିକ ମାଲିସ୍ କରିବା ଦ୍ୱାରା ମୁହଁର ଚମକ ବଢ଼ିଥାଏ। ଦୈନିକ ଘିକୁଆଁରୀ ରସକୁ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସହ ମୁହଁରେ ଥିବା ଧୂଳି କଣିକା ସବୁ ବାହାରି ଯାଇଥା'ନ୍ତି। ଏହା ଆମେ ସମସ୍ତେ ଜାଣନ୍ତି ଯେ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ବିଶେଷ କରି ତ୍ୱଚା ପାଇଁ ବହୁତ ଜରୁରୀ। ଯିଏ ଆବଶ୍ୟକ ମାତ୍ରାର ପାଣି ପିଅନ୍ତି ତାଙ୍କ ତ୍ୱଚା ଚିକ୍କଣ ହୋଇଥାଏ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ଚିକ୍କଣ ଦେଖାଯିବ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚମକିବ। କଲରା, ଲାଉ ଏବଂ ଗାଜର ରସ ପିଇବା ମଧ୍ୟ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଚା, କଫି କିମ୍ବା ଫାଷ୍ଟଫୁଡ୍ରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ୍ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ଗରମ ପାଣିରେ ମୁହଁକୁ ବାମ୍ଫ ଦିଅନ୍ତୁ। ଫଳରେ ଆପଣଙ୍କ ମୁହଁରେ ଥିବା ଧୂଳିକଣିକା ବାହାରିଯିବ ଏବଂ ଆପଣଙ୍କ ମୁହଁ ପୂର୍ବପେକ୍ଷା ଉଜ୍ଜ୍ୱଳ ଦିଶିବ। ଅତିକମରେ ସପ୍ତାହକୁ ଥରୁଟିଏ ଏହି ବାମ୍ଫ ଦିଅନ୍ତୁ। ଖରାରେ ଯାଉଥିଲେ ସନସ୍କ୍ରିନ ଲୋସନ ନିଶ୍ଚୟ ଲଗାନ୍ତୁ। ନଚେତ ସୂର୍ଯ୍ୟକିରଣ ମୁହଁରେ ବାଜି ମୁହଁର ଉଜ୍ଜ୍ୱଳତା ହ୍ରାସ ପାଇବା ସହ ଯୁବାପଣ କ୍ଷୟ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ଦୁଇ ଚାମଚ ଘିକୁଆଁରି, ଅଳ୍ପ ହଳଦୀଗୁଣ୍ଡ, ଏକ ଚାମଚ ଲେଖାଏଁ ମହୁ ଏବଂ କ୍ଷୀରକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚାର ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଦୁଇ ତିନି ବୁନ୍ଦା ଅଲିଭ୍ ଅଏଲ୍ ନେଇ ମୁହଁରେ ମାଲିସ କରନ୍ତୁ। ମୁହଁରେ ଗୋଲାକାରରେ ତଳୁ ଉପରକୁ ୨-୩ ମିନିଟ୍ ମସାଜ କରିବା ପରେ ଏକ ଟାୱେଲକୁ ଉଷୁମ ପାଣିରେ ବୁଡାଇ ଚିପୁଡି ମୁହଁରେ ୩୦-୪୦ ସେକେଣ୍ଡ ପର୍ଯ୍ୟନ୍ତ ବାମ୍ଫ ଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ତ୍ୱଚାର ଶୁଷ୍କତା ଦୂର କରିବା ସହ ଉଜ୍ଜ୍ୱଳ ମଧ୍ୟ କରିଥାଏ।

# ଘର ସଜାଇବାର ଉପାୟ

ଘରର ବାତାବରଣ ସବୁବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଉଁଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି



ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ। ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ। ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିକା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

# ଆମାଜନରେ ମିଳିବ ଏନସିଇଆରଟି ପୁସ୍ତକ

**ଭୁବନେଶ୍ୱର,୭।୧୦ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସୋମବାର ଭାରତ ସରକାରଙ୍କ ଅଧୀନରେ ଥିବା ଏନସିଇଆରଟି ଏବଂ ଅନ୍ୟତମ ସର୍ବବୃହତ ଇ-କମର୍ସ ପ୍ଲାଟଫର୍ମ ଆମାଜନ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଲେଟର୍ ଅଫ୍ ଏନଗେଜମେଣ୍ଟ(ଏଲଓଇ) ସ୍ୱାକ୍ଷରିତ ହୋଇଯାଇଛି। ଏହା ହେଉଛି ପ୍ରଥମ ଚୁକ୍ତି, ଯାହା ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମରେ ମୁଦ୍ରିତ ମୂଲ୍ୟରେ ମୂଳ ଏନସିଇଆରଟି ପାଠ୍ୟପୁସ୍ତକର ଉପଲବ୍ଧତା ସୁନିଶ୍ଚିତ କରିବ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଭିଜନକୁ ସୁଦୃଢ଼ କରିବ। ସମଗ୍ର ଦେଶରେ ଡିଜିଟାଲ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଯାଇଥିବା ବେଳେ ଏହି ପଦକ୍ଷେପ ସରକାରଙ୍କ 'ଇଜ୍ ଅଫ୍ ଲିଭିଂ' ଲକ୍ଷ୍ୟକୁ ମଧ୍ୟ ସମର୍ଥନ କରିବ। ଏନସିଇଆରଟି ୧୯୬୩ ମସିହାରୁ ପ୍ରାୟ ୨୨୦ କୋଟି ପୁସ୍ତକ ଓ ଜର୍ଣ୍ଣାଲ ସହିତ ପାଠ୍ୟପୁସ୍ତକ ପ୍ରକାଶ କରି ଭାରତର ଶିକ୍ଷା ଦୃଶ୍ୟପଟ୍ଟକୁ ନୂଆ ଆକାର ଦେଇଛି। ଏନସିଇଆରଟି ଦେଶ ପାଇଁ ଏକ ପ୍ରମୁଖ ଥିଙ୍କଟ୍ୟାଙ୍କ୍ ବୋଲି ଗୁରୁତ୍ୱାରୋପ କରିବା ସହ ଦେଶବ୍ୟାପୀ ପ୍ରାୟ ୨୦ ହଜାର ପିନ୍ କୋଡ ଠିକଣାରେ ଏହି ପୁସ୍ତକ ଉପଲବ୍ଧ ହେବ ବୋଲି ଶ୍ରୀ ପ୍ରଧାନ ଘୋଷଣା କରିଛନ୍ତି। ଏହି ପୁସ୍ତକଗୁଡ଼ିକ ଏମଆରପିରେ ଉପଲବ୍ଧ ହେବା ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆମାଜନ ସହ ଏନସିଇଆରଟିର ଭାଗିଦାରୀକୁ ପ୍ରଶଂସା କରିଛନ୍ତି ଶ୍ରୀ ପ୍ରଧାନ। ଏହା ଇଜ୍ ଅଫ୍ ଲିଭିଂ ଏବଂ ଶିକ୍ଷାର ଉପଲବ୍ଧତା ବୃଦ୍ଧି ଦିଗରେ ଏକ ସୁନ୍ଦର ପଦକ୍ଷେପ ବୋଲି କହିବା ସହ ଏନସିଇଆରଟି ଚଳିତ ବର୍ଷ ତିନିଗୁଣା ଅଧିକ ପୁସ୍ତକ ପ୍ରକାଶନ ତଥା ୧୫ କୋଟି ପୁସ୍ତକ ପ୍ରକାଶ କରିବ ବୋଲି ସେ କହିଛନ୍ତି। ସେହିପରି ଅମୃତ କାଳର ୩୦୦ ନିୟୁତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣକୁ ଆନନ୍ଦଦାୟକ କରିବା ଉପରେ ପରାମର୍ଶ ଦେଇଛନ୍ତି ଶିକ୍ଷା ମନ୍ତ୍ରୀ। ଇଣ୍ଟରଆକ୍ଟିଭ୍ ଏବଂ ଏଆଇ ଦ୍ୱାରା ପରିଚାଳିତ ଇ-ପୁସ୍ତକର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରି ସମସ୍ତ ୨୩ଟି ଭାଷାରେ ପୁସ୍ତକର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ପୁସ୍ତକ ହିଁ ଭାରତର ପ୍ରକୃତ ସଫ୍ଟ ପାୱାର ହେବ।

ସମସ୍ତ ଶ୍ରେଣୀର ଏନସିଇଆରଟି ପାଠ୍ୟପୁସ୍ତକ ଆମାଜନରେ ଉପଲବ୍ଧ ହେବ। ଆମାଜନର ଡେଲିଭରି ନେଟୱାର୍କ ଜରିଆରେ ଅତି ଦୁର୍ଗମ ଅଂଚଳରେ ମଧ୍ୟ ଛାତ୍ରଛାତ୍ରୀ ଓ ସ୍କୁଲ ନିର୍ଦ୍ଧାରିତ ମୂଲ୍ୟରେ ପାଠ୍ୟପୁସ୍ତକ କିଣିପାରିବେ। ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ, ଏନସିଇଆରଟିର ନିର୍ଦ୍ଦେଶକ, ଆମାଜନର ଉପସଭାପତି ଏବଂ ଆମାଜନର ପବ୍ଲିକ ପଲିସି ନିର୍ଦ୍ଦେଶକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ଥିଲେ।




# କବିତା ସଂକଳନ ଅଙ୍କୋଳିକା ଲୋକାର୍ପିତ

**ଭୁବନେଶ୍ୱର,୭।୧୦ (ମହାଭାରତ):** ରନ୍ଚିରା ପ୍ରକାଶନୀ ପକ୍ଷରୁ ଡ. ଦୁଖୀଶ୍ୟାମ ମିଶ୍ରଙ୍କ ତୃତୀୟ କବିତା ସଂଙ୍କଳନ ଅଙ୍କୋଳିକା ଉନ୍ମୋଚିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ କବି ଓ ଲେଖକ ମାନଙ୍କ ମଧ୍ୟରେ ଦାଶ ବେନହୁର, ମନୋଜ ପଟ୍ଟନାୟକ, ଚନ୍ମୟ ହୋତା, ବୈଜୟନ୍ତୀ ମିଶ୍ର, ଚିନ୍ମୟୀ ମିଶ୍ର, ନିରୁପମା କର,ଜଗନ୍ନାଥ ଦାଶ ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ କୋକାର୍ପଣ କରିଥିଲେ। ମହତ ଓ ଅନାସକ୍ତ ପ୍ରେମର ପରିଭାଷାକୁ କେନ୍ଦ୍ର କରି ନାମିତ ଅଙ୍କୋଳିକା ଶୀର୍ଷକର କବିତା ସଂକଳନ କବି ଡ. ଦୁଃଖୀଶ୍ୟାମ ମିଶ୍ରଙ୍କ ଅନ୍ୟ ଏକ ବର୍ଣ୍ଣନାପ୍ରଧାନ ଭେଟି। ମଧୁର ଭାବନାରାଜ୍ୟ ଭିତରେ ଆକୁଳ ବିଚରଣ କରିଥିବା କବି ଏଥିରେ ସଜେଇଛନ୍ତି ନିଜ ବିବିଧ କଳ୍ପନାର କୁଞ୍ଜ। ସମୁଦାୟ ୩୬ଟି କବିତାମାନଙ୍କ ସମାବେଶରେ ଅନୁକ୍ଷଣ ଲକ୍ଷ୍ୟ କରିହେବ କବିଙ୍କ କଳ୍ପନା ବିଳାସ। ଅଘଟନ-ଘଟନ-ପଟୀୟସୀ ପ୍ରକୃତିର ସୁନ୍ଦର ଶୋଭାରାଜି ଭିତରେ ପ୍ରବେଶ କରି ତାଙ୍କ ସାରସ୍ୱତ ସୃଷ୍ଟି ଗ୍ରାମ ପରିବେଶ ଓ ବ୍ୟକ୍ତି ସମାଜର ମଞ୍ଜୁଳ ଚିତ୍ରଶାଳା ରୂପେ ପରିବେଷିତ। କେବଳ ସେତିକି ଭିତରେ ନିଜ ଭାବନାକୁ ସ୍ଥଗିତ ନ ରଖି ସେ ବାସ୍ତବ ଜୀବନରେ ମାନବିକ ମାନସିକତା ପାଇଁ ସୁଦ୍ଧା ତାଙ୍କ ଅବିବ୍ୟକ୍ତି ପ୍ରକାଶ ପାଇଛି। ସଙ୍ଗୀତ ଓ ସଙ୍ଘର୍ଷ ଭିତରେ ବିଷମ ଦ୍ୱନ୍ଦ୍ୱର ପରିଧି ଲଙ୍ଘନ କରି କବି ନିଖିଳ ସତ୍ୟ ପାଇଁ ଆଗଭର ହେଲେ। ଉତ୍କୃଷ୍ଟ ପ୍ରେମ ଓ ସ୍ୱଚ୍ଛ ଚିନ୍ତାର ବାର୍ତ୍ତା ବହନ କରୁଥିବା ତାଙ୍କ ଶେଷ କେତେକ କବିତା ଭିତରେ ସେ ନିଜ ସଙ୍କଳନର ଚୂଡାନ୍ତ ଆଭିମୁଖ୍ୟ ପ୍ରତିପାଦନ କରିଛନ୍ତି। ସୁତରାଂ ତାଙ୍କର ପ୍ରକାଶ ପାଇଥିବା ସଦ୍ୟତମ କବିତା ସଙ୍କଳନ ପାଠକବର୍ଗ ନିଶ୍ଚୟ ସୁଖପାଠ୍ୟ ମନେ କରି ତାଙ୍କ ସାରସ୍ୱତ ଅଭୀପ୍ସାକୁ ଚରିତାର୍ଥ କରିବେ, ଏହା ହିଁ ଆମର ଆଶା ବୋଲି ଅତିଥିମାନେ ପୁସ୍ତକ ସମାଲୋଚନା କରି ମତବ୍ୟକ୍ତ କରିଥିଲେ।

# ରାଜ୍ୟପାଳଙ୍କ ପୁଅକୁ ଗିରଫ କରିବା ଦାବିରେ ରାଜଭବନ ଘେରାଉ

**ଭୁବନେଶ୍ୱର,୭।୧୦ (ମହାଭାରତ):** ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ସରକାର ଆଜି ଓଡ଼ିଶାବାସୀଙ୍କ ଭାବାବେଗ ସହ ଖେଳ ଖେଳି ଆସୁଛନ୍ତି। ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ପ୍ରତିବାଦରେ କିଛିଦିନ ତଳେ ରାଜଭବନ ସମ୍ମୁଖରେ ପ୍ରଦେଶ ଯୁବଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବା ଘଟଣା ଅନେକ ଦିନ ବିତିଯାଇଥିଲେ ମଧ୍ୟ ବିଜେପି ସରକାର ଚୁପ୍ ବସିଛନ୍ତି। ଏହାର ପ୍ରତିବାଦରେ ଆଜି ରାଜ୍ୟ ଯୁବ କଂଗ୍ରେସ ନେତା ଶ୍ରୀ ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ରାଜ୍ୟପାଳଙ୍କ ପୁଅକୁ ତୁରନ୍ତ ଗିରଫ କରିବା ପ୍ରତିବାଦରେ ଶହ ଶହ ସଂଖ୍ୟକ ସମର୍ଥକମାନଙ୍କ ସହ ରାଜଭବନ ଘେରାଉ କରିଥିଲେ। ଶ୍ରୀ ପାତ୍ର ଗଣମାଧ୍ୟମ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପୂର୍ବରୁ ଓଡ଼ିଆ ଅସ୍ମିତା କଥା କହି ଲୋକମାନଙ୍କ ଆସ୍ଥା ପ୍ରକଟ କରିଥିଲେ। କିନ୍ତୁ ଆଜି ଏହା ସମ୍ପୂର୍ଣ୍ଣ ମିଥ୍ୟା ପାଲଟିଛି। ଓଡ଼ିଆ ଅଫିସର ଆଜି ସୁରକ୍ଷିତ ନାହାଁନ୍ତି, ଏବେ ମୋହନ ସରକାର ନୁହେଁ, ଓଡ଼ିଶାରେ ରଘୁବର ସରକାର ଚାଲିଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯଦି ରାଜ୍ୟ ସରକାର ତୁରନ୍ତ ରାଜ୍ୟପାଳଙ୍କ ପୁଅକୁ ଗିରଫ ନକରି ଓଡ଼ିଆ ଅସ୍ମିତାର ପରିଚୟ ନ ଦିଅନ୍ତି, ଏବଂ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରତ୍ୟାହାର ନକରନ୍ତି, ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ଏ ବିଜେପି ସରକାରର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କୁ ରାଜରାସ୍ତାରେ ବିରୋଧ କରିବା ସହ ଓଡ଼ିଆ ଅସ୍ମିତାର ନାରା ଦେଇ ରାଜ୍ୟ ସରକାର ଯେଉଁ ପ୍ରହସନ କରିଛନ୍ତି, ତାହା ବିରୁଦ୍ଧରେ ଜୋରଦାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି।

ଆଜିର ଏହି ରାଜଭବନ ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ଶ୍ରୀ ୟାସିର ନୱାଜ, ସୁଦୀପ ସାମଲ, ମନୋଜ ବିଶ୍ୱାଳ, ନିହାର ରଞ୍ଜନ ବେହେରା, ଅଜୟ ସାହୁ, ଉଦିତ ପ୍ରଧାନ, ମହମ୍ମଦ ଗୁଲଫାମ, ସାହରୁଖ ଖାନ, ବଟକୃଷ୍ଣ ରାଉତରାୟ, ଲିପିକା ପାତ୍ର, ଲକ୍ଷ୍ମୀପ୍ରିୟ ନାୟକ, ଭାଗ୍ୟଶ୍ରୀ ମହାନ୍ତି, ମହମ୍ମଦ ପରଭେଜ, ସୁରଜ ରାଉତ, ବଳରାମ ନନ୍ଦ, ସାଗର ପଟ୍ଟନାୟକ, ମିର୍ଜା ଇସଲାମ ବେଗ, ମୋହନ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ସୁନିଲ୍ ସାହୁ, ବିରଞ୍ଚି ବାରିକ, ସୁବ୍ରତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



# କଟକରେ ମୁତୟନ ହେବେ ୬୦ ପ୍ଲାଟୁନ୍ ଫୋର୍ସ

**କଟକ,୭।୧୦ (ମହାଭାରତ):** ଦୁର୍ଗାପୂଜା ଓ ଭସାଣି ବେଳେ ୬୦ ପ୍ଲାଟୁନ୍ ଫୋର୍ସ ସୁରକ୍ଷାରେ ନିୟୋଜିତ ହେବେ। ସେହିପରି ପ୍ରାୟ ୪ ଶହ ଅଫିସର ମଧ୍ୟ ସୁରକ୍ଷା ତଦାରଖ କରିବେ। ମହାଷଷ୍ଠୀର ସନ୍ଧ୍ୟାରୁ ଫୋର୍ସଙ୍କୁ ନିୟୋଜିତ କରାଯିବ। ଦଶହରା ୫ ଦିନ ଓ ଭସାଣି ଗୋଟିଏ ଦିନ ପାଇଁ କଟକ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଉଛି। ମୋଟ୍ ୬୦ରୁ ୬୫ ପ୍ଲାଟୁନ୍ ମଧ୍ୟରେ ଫୋର୍ସ ନିୟୋଜିତ ହେବେ। ଗଣେଶ ପୂଜା ସମୟରୁ ସହରରେ ପ୍ରାୟ ୨୦ ପ୍ଲାଟୁନ୍ ଫୋର୍ସ ରହିଥିଲେ। ଏବେ ଆଉ ୪୦ରୁ ୪୫ ପ୍ଲାଟୁନ୍ ଫୋର୍ସ ଅନ୍ୟ ଜିଲ୍ଲାରୁ ଆସି ପହଞ୍ଚିଛନ୍ତ।

ସେହିପରି ବିଭିନ୍ନ ଜିଲ୍ଲା, ପୁଲିସର ଅନୁଷ୍ଠାନ ଓ ଟ୍ରେନିଂ ଅନୁଷ୍ଠାନରୁ ମଧ୍ୟ ୧୫୦ ଜଣ ଏଏସଆଇ, ୧୨୦ ଜଣ ଏସ୍ଆଇ ଓ ୬୦ରୁ ଅଧିକ ଇନ୍ସପେକ୍ଟର, ଡିଏସପି ଓ ଅତିରିକ୍ତ ଏସ୍ପି ଦଶହରା ଡ୍ୟୁଟି କରିବା ପାଇଁ ଆସିବେ। ଏହି କ୍ରମରେ ଦୁଇ କମ୍ପାନୀ ସିଆର୍ପିଏଫ୍ ବା କେନ୍ଦ୍ରୀୟ ପୁଲିସ ବଳ ଆସି କଟକରେ ପହଞ୍ଚିଛନ୍ତି। ରବିବାର ରାତିରୁ ପ୍ରାଥମିକ ଭାବେ ଏହି ଫୋର୍ସ ପାଟ୍ରୋଲିଂ ମଧ୍ୟ ଆରମ୍ଭ କରିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ସହରର ୭୨ଟି ସ୍ଥାନରେ ଏଡ୍ଭୋଷ୍ଟ ବା ଭିଏଚ୍ଏଫ୍ ପୋଷ୍ଟ କରାଯିବ।

ମୁତୟନ ହେବାକୁ ଥିବା ଫୋର୍ସ ମଧ୍ୟରୁ ପ୍ରାୟ ୬ରୁ ୮ ପ୍ଲାଟୁନ୍ ଫୋର୍ସ ଟ୍ରାଫିକ୍ ନିୟନ୍ତ୍ରଣରେ ସହଯୋଗ କରିବେ। ସବୁ ଥାନାରେ ଗୋଟିଏ କରି ସେକ୍ସନ୍ ଷ୍ଟ୍ରାଇକିଂ ଫୋର୍ସ ରହିବେ। କିଛି ଜରୁରି ପରିସ୍ଥିତିରେ ଥାନା ଅଧିକାରୀଙ୍କୁ ଏହି ଫୋର୍ସ ସହଯୋଗ କରିବ। ଏହାକୁ ବାଦ୍ ଦେଲେ କଟକରେ ଥିବା ସମସ୍ତ ହୋମ୍ଗାର୍ଡ, ଟ୍ରାଫିକ୍ କର୍ମଚାରୀ, ଥାନା ଏଏସ୍ଆଇ ଓ ଏସ୍ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। କଟକର ସମସ୍ତ ଇନ୍ସପେକ୍ଟର ଓ ଏସିପି ସେକ୍ଟର ୱାରୀ ସୁରକ୍ଷା ବୁଝିବେ। ଖୋଦ୍ ଡିସିପି ଜଗମୋହନ ମୀନା ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ। ମହାଷଷ୍ଠୀର ସକାଳେ ଏକ ବ୍ରିଫିଂ କାର୍ଯ୍ୟକ୍ରମ ଆୟୋଜିତ ହେବ।

ସହରରେ ଥିବା ତିନିଟି ସ୍ଥାୟୀ ଦମକଳକେନ୍ଦ୍ର ବକ୍ସିବଜାର, ଚଉଳିଆଗଞ୍ଜ ଓ ସିଡିଏ ବା ବିଡ଼ାନାସୀକୁ ଛାଡ଼ି ଦଶହରା ପାଇଁ ୬ଟି ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ର ଖୋଲାଯିବ। ଲାଲବାଗ, ସିଏମସି ଅଫିସ ନିକଟଚୌଧୁରୀ ବଜାର, ନେତାଜୀ ବସ୍ ଟର୍ମିନାଲ୍ ସମ୍ମୁଖ, ଖାନନଗର ପାଖରେ, କଲେଜ ଛକ ଓ ଯୋବ୍ରା ପାଖରେ କରାଯିବ। ପ୍ରତି କେନ୍ଦ୍ରରେ ଜଣେ ଲେଖାଏଁ ଅଗ୍ନିଶମ ଅଧିକାରୀ, ଜଣେ ହାବିଲଦାର, ଦମକଳ ଗାଡ଼ି ଡ୍ରାଇଭର ଦୁଇ ଜଣ, ଫାୟାର ମ୍ୟାନ୍ ଚାରି ଜଣ ଓ ଗୋଟିଏ କରି ଦମକଳ ଗାଡ଼ି ନିୟୋଜିତ ହେବ। ଏହାଛଡ଼ା ସହରର ଗଳି ରାସ୍ତାରେ ଦୁଇଟି ଛୋଟ ଅଗ୍ନିଶମ ଗାଡ଼ି ଓ ଦୁଇଟି ବାଇକ୍ ପାଟ୍ରୋଲିଂ ଗାଡ଼ି ବୁଲିବ।



# ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କୁ ଭେଟିଲା କଣ୍ଟ୍ରୋଲ ଦୋକାନୀ ସଂଘ

**ଭୁବନେଶ୍ୱର,୭।୧୦ (ମହାଭାରତ):** ଓଡ଼ିଶା ଫେୟାର ପ୍ରାଇସ ସପ ଡିଲର୍ସ ଫେଡେରେସନ ଅର୍ଥାତ ଓଡ଼ିଶା କଣ୍ଟ୍ରୋଲ ଦୋକାନୀ ସଙ୍ଘର କର୍ମକର୍ତ୍ତାମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସଭାପତି ନଗେନ୍ଦ୍ର ନାଥ ଜେନାଙ୍କର ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଏଠାରେ ସାକ୍ଷାତ କରିଥିବା ଜଣାଯାଇଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ଶାସନକୁ ଆସିବା ପରେ କଣ୍ଟ୍ରୋଲ ଦୋକାନୀମାନଙ୍କର କାର୍ଯ୍ୟକାଳକୁ ଆସନ୍ତା ଦେଢ଼ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ସଙ୍ଘ ତରଫରୁ କୃତଜ୍ଞତା ପ୍ରକାଶ କରିବା ସାଙ୍ଗକୁ ଏହି ମହତ ନିଷ୍ପତ୍ତି ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସଙ୍ଘ ତରଫରୁ ଶ୍ରୀ ମାଝି ଏବଂ ଶ୍ରୀ ପାତ୍ରଙ୍କୁ ଆଠ ଦଫା ବିଶିଷ୍ଟ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଦାବୀପତ୍ରରେ ସ୍ଥାନ ପାଇଥିବା ଦାବୀଗୁଡ଼ିକ ମଧ୍ୟରେ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ କଣ୍ଟ୍ରୋଲ ଆଇନ ୨୦୧୬ରୁ ଧାରା ୪ କୁ ଉଚ୍ଛେଦ କରାଯାଇ ଘରୋଇ ଡିଲରମାନଙ୍କୁ ସାମିଲ କରାଯିବା, ଡିଲରଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ପୁନଃ ନିଯୁକ୍ତି କରାଯିବା ସହ ବକେୟା ଅର୍ଥ ସହସା ପ୍ରଦାନ କରାଯିବା, ପିଓଏସ୍ ମେସିନରେ ଗୋଟିଏ ଥର ଆଙ୍ଗୁଠି ଛାପ ନିଆଯାଇ ରାସନ ସାମଗ୍ରୀ ଦିଆଯିବାର ବ୍ୟବସ୍ଥା ଆଦି କରାଯିବା ଏହି ଦାବିର ଅନ୍ତର୍ଭୁକ୍ତ।

# ଅହଙ୍କାର କାରଣରୁ ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ସହ୍ୟ କରିପାରୁନି ବିଜେଡ଼ି

**ଭୁବନେଶ୍ୱର,୭।୧୦ (ମହାଭାରତ):** ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଜେଡି ଦଳ ପରାଜୟ ପରେ ହତୋତ୍ସାହିତ ହୋଇପଡିଛନ୍ତି । ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ନିଜ ଅହଙ୍କାର କାରଣରୁ ସ୍ୱୀକାର କରିପାରୁନାହାନ୍ତି ବୋଲି ରାଜ୍ୟ ବିଜେପିର ପୂର୍ବତନ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଜେପିର ଲୋକକଲ୍ୟାଣକାରୀ ଯୋଜନାରେ ଇର୍ଷାନ୍ୱିତ ହୋଇ ବିଜେଡି ନେତା ଏଭଳି ମନ୍ତବ୍ୟ ଦେଉଛନ୍ତି । ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡି ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ଦଳରୁ କୋଣଠେସା କରି ଟିକେଟ୍ ଦେଉନଥିଲା? ଏ କଥାକୁ ବୋଧେ ସେ ଭୁଲି ଯାଉଛନ୍ତି । ବିଜେଡି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ନା ପାର୍ଟିରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏପରି ମନ୍ତବ୍ୟ ଦେଉଛନ୍ତି ? ଯଦି ନବୀନ ବାବୁଙ୍କ ପ୍ରତି ଲୋକପ୍ରିୟତା ଥିଲା ବୋଲି ସେ କହୁଛନ୍ତି ତେବେ ନିକଟ ସାଧାରଣ ନିର୍ବାଚନରେ ନବୀନ ବାବୁ ଲଢୁଥିବା କଂଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୧୬,୩୪୪ଟି ଭୋଟ୍ ବ୍ୟବଧାନରେ ହାରିଲେ କେମିତି? ଦୀର୍ଘ ୨୪ ବର୍ଷ ଧରି ଲୋକଙ୍କୁ ପ୍ରତାରିତ କରିବା ତଥା ପ୍ରତିଶ୍ରୁତି ପୂରଣ ନ କରିବା ପରାଜୟର କାରଣ ନୁହେଁ କି? ନବୀନ ବାବୁ କ୍ରମାଗତ ଭାବେ ନିଜର ଆସ୍ଥା ଓ ବିଶ୍ୱାସ ଓଡ଼ିଶାବାସୀଙ୍କ ଠାରୁ ହରାଇ ବସିଛନ୍ତି । ଏହି କଥାକୁ ଶ୍ରୀ ଆଚାର୍ଯ୍ୟ ଗ୍ରହଣ କାହିଁକି କରୁନାହାନ୍ତି? ଚଳିତଥର ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି କେତେ ଭୋଟ ବ୍ୟବଧାନରେ ଜିତିଛନ୍ତି, ତାହା ନବୀନ ବାବୁଙ୍କୁ ପଚାରିଲେ ଭଲ ହୁଅନ୍ତା। ବିଗତ କିଛି ବର୍ଷ ଧରି ବିଜେଡି ଦଳରେ ମନ୍ତ୍ରୀ ଓ ବିଧାୟକମାନଙ୍କ ସ୍ଥିତି କ'ଣ ଥିଲା, ଏହା ମଧ୍ୟ ଶ୍ରୀ ଆଚାର୍ଯ୍ୟ ଅନୁଭବ କରିଥିବେ । ବର୍ତ୍ତମାନ ଯେତେବେଳେ ବିଜେପି ରାଜ୍ୟରେ ରାଜନୈତିକ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ସହ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରି ଶାସନଭାର ସମ୍ଭାଳିଛି, ତାହା ତାଙ୍କୁ କାହିଁକି କଷ୍ଟ ଦେଉଛି? ଏବେ ବି ବିଜୁ ଜନତା ଦଳ ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ ଦିବାଲୋକରେ ସ୍ପଷ୍ଟ । ବିଜେଡି ନେତା ଏହି ସବୁ ପ୍ରସଙ୍ଗରେ କହିବା ପୂର୍ବରୁ ଥରେ ଚିନ୍ତା କରିବା ଦରକାର । ରାଜ୍ୟରେ ବିଜେପି ସରକାର ଗଠନର ଶହେ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତିକୁ ଅବିଳମ୍ବେ ପାଳନ କରୁଛି । ବିଜେପିର ଲୋକପ୍ରିୟତା ନେଇ ବିଜେଡି ନେତାଙ୍କୁ ଚିନ୍ତା ଘାରିବା ସ୍ୱାଭାବିକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।



# ଅସଲି ମାଲିକଙ୍କୁ ଧମକ ଦେଇ ଫସିଗଲା ନକଲି

**ଭୁବନେଶ୍ୱର,୭।୧୦ (ମହାଭାରତ):** ଜମି କାଗଜପତ୍ର କୁ ହେରଫେର କରି ଅସଲି ଜମି ମାଲିକଙ୍କୁ ଧମକ ଦେଇ ଫସିଗଲା ଜଣେ ନକଲି ଜମି ମାଲିକ। ଏଭଳି ଘଟଣା ନନ୍ଦନକାନନ ଥାନା ଅଞ୍ଚଳ ରେ ଦେଖିବାକୁ ମିଳିଛି । ଯାହାକୁ ନେଇ ଅଞ୍ଚଳ ରେ ଏକ ଚର୍ଚ୍ଚା ବିଷୟ ପାଲଟିଛି। ସୂଚନା ମୁତାବକ , ଡକ୍ଟର ଲକ୍ଷ୍ମୀଧର ଜେନା ନାମକ ବ୍ୟକ୍ତି ଗତ ୨୦୧୮ ମସିହାରେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ମଉଜାରେ ଏକ ପ୍ଲଟ କିଣି ପ୍ଲଟକୁ ନିଜ ନାମରେ କରିବା ସହିତ ସରକାରୀ ନିୟମ ମୁତାବକ ଖଜଣା ଭରୁଥିଲେ। ରଘୁନାଥପୁର ଅଂଚଳରେ ରହୁଥିବା ଓରିୟନ୍ସ ମିନେରଲର ମାଲିକ ସମୀର କୁମାର ପଟ୍ଟନାୟକ ସହିତ ଗଣ୍ଡରପୁର ବ୍ରାହ୍ମଣସାହିର ଧନଜୟ ପ୍ରଧାନ ଓ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଉକ୍ତ ପ୍ଲଟର ନକଲି କାଗଜପତ୍ର ପ୍ରସ୍ତୁତି କରିଥିଲେ। ସେମାନେ ନକଲି କାଗଜପତ୍ର ସମୀର କୁମାର ପଟ୍ଟନାୟକଙ୍କ ନାମରେ ବାହାର କରିଥିବାବେଳେ , ଡକ୍ଟର ଲକ୍ଷ୍ମୀଧରଜେନାଙ୍କୁ ଉକ୍ତ ପ୍ଲଟ ଛାଡିଯିବା ପାଇ ଧମକାଇ ଥିଲେ। ଜେନା ଏହାର ପ୍ରତିବାଦ କରିବାରୁ ସମୀର,ଧନଜୟ ଓ ଅନ୍ୟ ୪ଜଣ ସହଯୋଗୀ ମିଶି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଡକ୍ଟର ଲକ୍ଷ୍ମୀଧରଜେନା ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୪୨୦/୨୪କେଶ ନମ୍ବରରେ ଏକ ମକଦ୍ଦମା ରୁଜୁକରି ତଦନ୍ତ କରିବା ସହ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ସମୀର କୁମାର ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ଆରଆଇ, ଅମିନ ପରୀକ୍ଷାର୍ଥୀଙ୍କ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର,୭।୧୦ (ମହାଭାରତ):** ଆନ୍ଦୋଳନରୁ ହଟିଲେ ଆର. ଆଇ, ଅମୀନ ପରୀକ୍ଷାର୍ଥୀ। ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି। ମଙ୍ଗଳବାର ଏନେଇ ଉଚ୍ଚସ୍ତରୀୟ ବୈଠକ ବସିବ। ଆରଆଇ, ଏଆରଇ, ଅମିନ, ଆସିଡ଼ିଏସ୍ ପରୀକ୍ଷା ଆଦି ପରୀକ୍ଷାରେ ଗୁରୁତର ତ୍ରୁଟି ଅଭିଯୋଗ ଆଣିବା ସହ ପରୀକ୍ଷା ବାତିଲ ଦାବିରେ ବିକ୍ଷୋଭ କରୁଥିଲେ ପରୀକ୍ଷାର୍ଥୀ। ଏମିତିକି ଓଏସ୍ଏସ୍ସି ବିରୋଧରେ ଏକାଠି ହୋଇ ଭୁବନେଶ୍ୱର ଲୋୟର ପିଏମ୍ଜି ଠାରେ ବିକ୍ଷୋଭ କରିଥିଲେ ହଜାର ହଜାର ପରୀକ୍ଷାର୍ଥୀ। ପରୀକ୍ଷା ବାତିଲ ସହ ପୁନର୍ବାର ପରୀକ୍ଷା ଦାବି କରିଥିଲେ କରିଥିଲେ ପରୀକ୍ଷାର୍ଥୀ। ଆହୁରି ମଧ୍ୟ ଏହି ଦୁର୍ନୀତି ପଛରେ କିଏ ରହିଛି ? ତା'ର ତଦନ୍ତ ପାଇଁ ଦାବି ହୋଇଥିଲା।

ରାଜ୍ୟରେ ଖାଲି ପଡ଼ିଥିବା ଆର.ଆଇ, ଏଆରଆଇ, ଅମିନ ଏବଂ ଆଇସିଡିଏସ ପଦବୀ ପୁରଣ ପାଇଁ ସିବିଟି ପରୀକ୍ଷା ହୋଇଥିଲା। ୫ ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ। ସେପ୍ଟେମ୍ବର ୨୦ରୁ ଆରମ୍ଭ ହୋଇଥିବାବେଳେ ଅକ୍ଟୋବର ୮ତାରିଖ ପର୍ଯ୍ୟନ୍ତ ପ୍ରାୟ ୪୦ଟି ସେଣ୍ଟରରେ ପରୀକ୍ଷା କରାଯିବାକୁ ନିର୍ଦ୍ଧାରିତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ରାଜ୍ୟର ଅନେକ ସିବିଟି କେନ୍ଦ୍ରରେ ପରୀକ୍ଷା ବିଭ୍ରାଟ ସାମ୍ନାକୁ ଆସିଥିଲା। ସେବେଠାରୁ ପରୀକ୍ଷାର୍ଥୀମାନେ ପରୀକ୍ଷା ପରିଚାଳନା ଓ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ସହ ରାସ୍ତାକୁ ଓହ୍ଲାଇଛନ୍ତି।



# ପାର୍ବଣରେ ଲିନେନ ଉତ୍ସବର ଶୁଭାରମ୍ଭ

**ଭୁବନେଶ୍ୱର,୭।୧୦ (ମହାଭାରତ):** ପ୍ରତିଷ୍ଠିତ ଆଦିତ୍ୟ ବିର୍ଲା ଗ୍ରୁପ୍ ଫାଶନ ବ୍ରାଣ୍ଡ୍ ଏବଂ ଭାରତର ଅନ୍ୟତମ ସର୍ବବୃହତ ଲିନେନ ସ୍ଥଳ 'ଲିନେନ କ୍ଲବ' ଏହାର ବାର୍ଷିକ ପାର୍ବଣ ଅଭିଯାନ -ଲିନେନ ଉତ୍ସବ ତାହାର ଭୁବନେଶ୍ୱର ଓ କଟକରେ ଥିବା ଏକ୍ସକ୍ଲୁସିଭ ସୋ'ରୁମ୍ ଗୁଡିକରେ ଆରମ୍ଭ କରିଛି। ଲିନେନ କ୍ଲବ ଭାରତରେ ସର୍ବୋତ୍ତମ ମାନର ଲିନେନ କପଡା ଏବଂ ପୋଷାକ ନିମନ୍ତେ ସୁପରିଚିତ। ଲିନେନ ଉତ୍ସବ ଲିନେନ କ୍ଲବ ଦ୍ୱାରା ଏକ ବାର୍ଷିକ ପାର୍ବଣ ପାଳନ ଯେଉଁଠାରେ ବ୍ରାଣ୍ଡ୍ ପକ୍ଷରୁ ପୂଜୋ ଋତୁରେ ସ୍ୱତନ୍ତ୍ର ଅଫର୍ ପ୍ରଦାନ କରାଯାଏ। ଚଳିତ ବର୍ଷ ଲିନେନ ଉତ୍ସବର ଅଂଶ ଭାବରେ ଲିନେନ କ୍ଲବ ଏହାର ଗ୍ରାହକଙ୍କୁ ସେମାନଙ୍କ କିଣାକିଣି ଉପରେ ମାଗଣା ଡଫଲ ଏବଂ ଟ୍ରଲି ବ୍ୟାଗ ପ୍ରଦାନ କରୁଛି। ୮୯୯୯ ଟଙ୍କା କିଣାକିଣି ଉପରେ ଗ୍ରାହକମାନେ ଏକ ଡଫଲ ବ୍ୟାଗ ମାଗଣାରେ ପାଇବେ ଏବଂ ୧୫୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକଙ୍କୁ ୱାଇଲ୍ଡକ୍ରାଫ୍ଟ ଟ୍ରଲି ବ୍ୟାଗ୍ ମାଗଣା ଦିଆଯାଉଛି। ଗ୍ରାହକମାନେ ଲିନେନ କ୍ଲବ୍ର ବିଭିନ୍ନ ରଙ୍ଗ, ଡିଜାଇନ ଏବଂ ପ୍ୟାଟର୍ଣ୍ଣରେ ଉଭୟ କପଡା ଏବଂ ରେଡି ଟୁ ୱିୟର ଆକାରରେ ଉପଲବ୍ଧ ବହୁବିଧ ପୂଜୋ ବର୍ଗରୁ କିଣାକିଣି କରିପାରିବେ। ପୂଜୋ ସମ୍ଭାରରେ କୁର୍ତ୍ତା, ବନ୍ଦିସ୍, ସୁଟ୍ସ୍, ସାର୍ଟସ୍ ଏବଂ ଅନେକ କିଛି ନିମନ୍ତେ ଶୁଦ୍ଧ ଲିନେନ ଏବଂ ଲିନେନ ମିଶ୍ରିତ କପଡା ରହିଛି। ଏହି ବ୍ରାଣ୍ଡ୍ ମଧ୍ୟ ତାହାର ସମସ୍ତ ସୋ'ରୁମ୍ରେ ସ୍ୱତନ୍ତ୍ର ଟେଲରିଂ ସୁବିଧା ଯୋଗାଇ ଦେଉଛି। ଗ୍ରାହକମାନେ ମଧ୍ୟ ଲିନେନ କ୍ଲବ୍ର ରେଡି-ଟୁ-ୱିଅର, ଲିନେନ କ୍ଲବ ଷ୍ଟୁଡିଓ ସାମଗ୍ରୀ ବର୍ଗ ମଧ୍ୟରୁ ବାଛିପାରିବେ, ଯେଉଁଥିରେ ରହିଛି ସାର୍ଟସ୍, ଟ୍ରାଉଜର୍ସ୍, କୁର୍ତ୍ତା, ବନ୍ଦିସ୍ ଏବଂ ଅନେକ କିଛି।

# ଯୁବକଙ୍କ ମୃତ୍ୟୁ କୁ ନେଇ ରାସ୍ତାରୋକ

**ଭୁବନେଶ୍ୱର,୭।୧୦ (ମହାଭାରତ):** କ୍ରିକେଟ ବ୍ୟାଟରେ ବାଡ଼େଇ ଯୁବକଙ୍କୁ କରିଥିଲେ ଲହୁଲୁହାଣ। ୮୬ ଦିନ ଡାକ୍ତରଖାନାରେ ଚିକିତ୍ସାଧୀନ ରହିବାପରେ ଚାଲିଗଲା ଜୀବନ। ଯୁବକଙ୍କ ମୃତ୍ୟୁ ପରେ ଭୁବନେଶ୍ୱର ଖଣ୍ଡିଗିରି ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରୁ ମୃତକଙ୍କ ପରିବାର ଲୋକେ ରାସ୍ତାରୋକ କରିଥିଲେ। ମୃତ ଯୁବକ ଜଣଙ୍କ ହେଲେ ବରମୁଣ୍ଡା ଅଞ୍ଚଳରେ ପ୍ରକାଶ କୁମାର ସାହୁ।

ବରମୁଣ୍ଡା ତେଲି ସାହିରେ କିଛି ଯୁବକଙ୍କ ସହ ପ୍ରକାଶଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଯୁବକମାନେ କ୍ରିକେଟ ବ୍ୟାଟରେ ପ୍ରକାଶଙ୍କୁ ନିର୍ଦ୍ଧୁମ ପିଟିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୮୬ ଦିନ ଧରି ଡାକ୍ତରଖାନାରେ ଚିକିତ୍ସାଧୀନ ଥାଇ ଗତକାଲି ସେ ମୃତ୍ୟୁବରଣ କରିଛନ୍ତି।

ପ୍ରକାଶଙ୍କୁ ଯୁବକମାନେ ମାଡ଼ ମାରିବା ନେଇ ଖଣ୍ଡଗିରି ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ଖଣ୍ଡଗିରି ପୁଲିସ ଗତ ଜୁଲାଇ ୧୦ ତାରିଖରେ ୨ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟରୁ ଆଗୁଆ। ଜାମିନ ଆଣିଥିଲେ। ବର୍ତ୍ତମାନ ସେହି ଯୁବକମାନଙ୍କୁ ଗିରଫ ଦାବିରେ ରାସ୍ତାରୋକ କରିଥିଲେ ପରିବାର ଲୋକେ।

ଜୋନ୍-୩ ଏସିପି ତାପସ ପ୍ରଧାନ କହିଛନ୍ତି, ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଆଉ କିଛି ଯୁବକ ହାଇକୋର୍ଟରୁ ଆଗୁଆ। ଜାମିନରେ ଆସିଛନ୍ତି। ଯେଉଁମାନଙ୍କୁ ଜାମିନ ମିଳିଛି, ସେମାନଙ୍କର କିପରି ଜାମିନ ଖାରଜ ହେବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ। ସେମାନଙ୍କ ଜାମିନ ଖାରଜ ହେବା ପରେ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସିପି କହିଛନ୍ତି।



# ଆରଜେଡି-ଜେଡିୟୁ ଏକାଠି !

ଭାରତୀୟ ରାଜନୀତିରେ ବିହାର ଅନେକ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ହିନ୍ଦୀ ବେଲ୍ଟରେ ଏହା ଏକ ପ୍ରମୁଖ ରାଜ୍ୟ। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଏହିଠାରୁ ଆରମ୍ଭ ହୋଇଥିଲା। ଅଣକଂଗ୍ରେସ ରାଜନୀତିର ମୂଳଦୁଆ ଏହିଠାରେ ପଡ଼ିଥିଲା। ତେଣୁ ସ୍ୱାଭାବିକ ଭାବେ ବିହାର ବିଧାନସଭା ନିର୍ବାଚନର ଗୁରୁତ୍ୱ ମଧ୍ୟ ଯଥେଷ୍ଟ ଅଧିକ। ଆଜି ବହୁ ବର୍ଷ ହେବ ବିହାରରେ କଂଗ୍ରେସ ଏକ ଗୌଣ ଦଳ ହୋଇଯାଇଛି। ମୁକାବିଲା ହେଉଛି ଲାଲୁ ଏବଂ ନୀତିଶଙ୍କ ମଧ୍ୟରେ। ଏଥର ମଧ୍ୟ ନୀତିଶ କୁମାରଙ୍କ ନେତୃତ୍ୱାଧିନ ଏନଡିଏ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ ମଧ୍ୟରେ ହେବ। ଏନଡିଏରେ ନୀତିଶଙ୍କ ଜେଡିୟୁ, ବିଜେପି, ଚିରାଗ ପାଶ୍ୱାନଙ୍କ ,ଲଜେପି, ଜିତନ ରାମ ମାନଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଇତ୍ୟାଦି ରହିଥିବା ବେଳେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧିନ ମେଣ୍ଟରେ ଆରଜେଡି, କଂଗ୍ରେସ, ସିପିଏମ, ସିପିଆଇ ପ୍ରମୁଖ ଦଳ ଅଛନ୍ତି। ନିର୍ବାଚନ ପୂର୍ବରୁ ଆଉ କିଛି ଛୋଟ ଦଳ ମେଣ୍ଟରେ ସାମିଲ ହୋଇପାରନ୍ତି। ରାଜ୍ୟରେ ତୃତୀୟ ରାଜନୈତିକ ଶକ୍ତି ନାହିଁ କହିଲେ ଚଳେ। ଇତିମଧ୍ୟରେ ନୀତିଶ ଓ ତେଜସ୍ୱୀ ଯାଦବ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏକ ସମାରୋହରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଉପସ୍ଥିତିରେ ନୀତିଶ କହିଛନ୍ତି ଯେ, ଅତୀତରେ ଏନଡିଏ ଛାଡ଼ି ଆରଜେଡି ହାତ ଧରିବା ତାଙ୍କର ଏକ ଭୁଲ ନିଷ୍ପତ୍ତି ଥିଲା। ଆଉ ସେ ଭୁଲ କରିବେ ନାହିଁ ଏବଂ ରାଜନୈତିକ ଜୀବନର ଶେଷ ପର୍ଯ୍ୟନ୍ତ ସେ ଏନଡିଏରେ ରହିବେ। ସେହିପରି ତେଜସ୍ୱୀ ଯାଦବ ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, ନୀତିଶ ଦୁଇଥର ତାଙ୍କୁ ଧୋକା ଦେଇଛନ୍ତି। ଆଉ ଥରେ ତାଙ୍କୁ ସୁଯୋଗ ମିଳିବ ନାହିଁ। ସେ ଜଣେ ବିଶ୍ୱାସଯୋଗ୍ୟ ନେତା ନୁହଁନ୍ତି। ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବାରେ ଆରଜେଡି ସହଯୋଗ ବା ସମର୍ଥନ କରିବନି। ୨୦୧୪ରେ ନୀତିଶ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ବିରୋଧ କରି ଏନଡିଏରୁ ଓହରିଯାଇଥିଲେ। ୨୦୧୫ ବିଧାନସଭା ନିର୍ବାଚନରେ ଲାଲୁଙ୍କ ଆରଜେଡି ସହ ହାତ ମିଳାଇ ସଫଳତା ପାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଦୁଇ ବର୍ଷ ପରେ ସେ ପୁଣି ଏନଡିଏକୁ ଫେରିଯାଇ ବିଜେପି ସହାୟତାରେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ। ୨୦୨୦ରେ ସେ ଏନଡିଏରେ ରହି ନିର୍ବାଚନ ଲଢ଼ିଲେ। କମ ଆସନ ପାଇଲେ ମଧ୍ୟ ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲେ। କିନ୍ତୁ ୨୦୨୨ରେ ସ ବିଜେଡି ହାତ ଛାଡ଼ି ଆରଜେଡି ସହ ହାତ ମିଳାଇଲେ। ନୀତିଶ ମୁଖ୍ୟମନ୍ତ୍ରୀ ଓ ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ହେଲେ। ସେତେବେଳେ ସେ କହିଥିଲେ ଯେ ୨୦୨୫ରେ ତେଜସ୍ୱୀ ଯାଦବ ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୨୪ ଜାନୁଆରୀରେ ସେ ପୁଣି ପକ୍ଷପରିବର୍ତ୍ତନ କଲେ ଏବଂ ଏନଡିଏକୁ ଫେରିଗଲେ। ଲୋକସଭା ନିର୍ବାଚନରେ ବିଜେପି ସମର୍ଥନରେ ଜେଡିୟୁ ବେଶ ସଫଳତା ପାଇଲା। ଏବେ ୨୦୨୫ରେ ତାଙ୍କର ନୂତନ ରଣନୀତି କ’ଣ ହେବ ତାହା ଦେଖିବାକୁ ବାକି ରହିଲା। ନୀତିଶ ଯାହା କହିଛନ୍ତି ତାହା ବେଦର ଗାର ନୁହେଁ। ସେ ପୁନର୍ବାର ପାର୍ଶ୍ୱ ପରିବର୍ତ୍ତନ କରିବେ ନାହିଁ ବୋଲି କୁହାଯାଇପାରିବ ନାହିଁ। ତେଜସ୍ୱୀ ଯାଦବ ମଧ୍ୟ ନୀତିଶଙ୍କ ଉପରେ ଆଉ ବିଶ୍ୱାସ କରାଯାଇପାରିବନି ବୋଲି ଯାହା କହୁଛନ୍ତି ତାହା ବର୍ତ୍ତମାନ ସମୟକୁ ଦେଖି ସେ କହିଛନ୍ତି। ୨୦୨୫ରେ ସେ ନିଜ ମତ ପରିବର୍ତ୍ତନ ନକରିବେ ବୋଲି ଗ୍ୟାରେଣ୍ଟି ନାହିଁ। ତେବେ ବର୍ତ୍ତମାନର ରାଜନୈତିକ ଗତିବିଧିରୁ ଅନ୍ତତଃ ପକ୍ଷେ ନିର୍ବାଚନ ପୂର୍ବରୁ ଆରଜେଡି-ଜେଡିୟୁ ଏକାଠି ହେବା ଅସମ୍ଭବ ମନେ ହେଉଛି। ଯଦି ନୀତିଶ ଫେରିଆସିବାକୁ ଚାହିଁବେ ତେବେ ତେଜସ୍ୱୀ ତାଙ୍କୁ ଆଉ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

॥ ଅଲେଖ ଚନ୍ଦ୍ର ସାମଲ ॥

*ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି।*

ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଧକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଳ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି । ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ ।

ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତବ୍ୟ

॥ ମୌଲାନା ଫଜଲ ହକ ଖାନ ॥

ବର୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ। ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି ।

ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର,ଅସଦ୍‌ଆଚରଣ,ନିର୍ଯାତନା ଓ ବଧୂ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍‌ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା’ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ ହୋଇଥାଏ ।

ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ। ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ ।

ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । ‘ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ’ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର ଧରାପୃଷ୍ଠରେ ଅଧିକ ହେବାରେ ଲାଗିଲାଣି । ସେଇଥି ପାଇଁ ସଂସାରରେ ଏସବୁ ବିପ୍ଳାପ୍ତର ସୁତ୍ରପାତ ହେଉଛି । ଆସନ୍ତୁ ଆମେ ଏକ ମନ ଏକ ପ୍ରାଣ ହୋଇ ନାରୀ ଶକ୍ତିକୁ ଉଜାଗର କରିବା । ତାକୁ ତା’ର ଉଚିତ୍ ସମ୍ମାନର ବସ୍ତ୍ର ପିନ୍ଧାଇ ତା’ର ସୁରକ୍ଷା କରିବା । ତାକୁ ସୁରକ୍ଷିତ ରଖିବା ଓ ସୁରକ୍ଷା ଦେବା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍ ।

ୟୁନିଟ-୪ ଭୁବନେଶ୍ୱର
୯୬୯୨୨୨୫୦୫୬୭

# ହସନ୍ତୁ ଓ ହସାନ୍ତୁ

॥ ବିପିନ ବିହାରୀ ରାଉତ ॥

ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି। ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ। ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ। ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି। ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ। ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ। ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ। ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ।

ହସ କିପରି ଅପରିଚିତ ଲୋକଙ୍କ ନିକଟରେ କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ। ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା। ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା।

ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଚ୍ଛା କରି କିଛି ସମୟ ହସିବା ଆବଶ୍ୟକ। ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ। ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଳବମାନ ଗଠନ କରାଯାଇଛି। ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି। ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ



ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି। ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି। କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ। ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି। ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ। କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା। କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ। ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି। ଏ ରସ ପ୍ରକୃତରେ ଅମୃତ। ଏକଥା ଆମେ କହୁନାହୁଁ। ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ। ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

## ବହୁ ଚର୍ଚ୍ଚିତ ସାଗର ସ୍ୱାଇଁ ହତ୍ୟାକାଣ୍ଡର ୪ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଆସିକା (ମହାଭାରତ): ବହୁ ଚର୍ଚ୍ଚିତ ଆସିକା ପୁଡୁଗେଶ୍ୱର ପଲ୍ଲୀ ସାଗର ସ୍ୱାଇଁ ବୟସ (୨୫) ହତ୍ୟାକାଣ୍ଡ ର ଅଭିଯୁକ୍ତ ଙ୍କୁ ସାକ୍ଷ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର। ପ୍ରକାଶ ଥାଉକି ମୃତ ସାଗର ସ୍ୱାଇଁଙ୍କ ମା ସବିତା ସ୍ୱାଇଁ ପକ୍ଷରୁ ଦିଆ ଯାଇଥିବା ଅଭିଯୋଗ ପ୍ରକାରେ ଗତ ୧୬/୦୬/୨୦୧୮ ମସିହାରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆସିକା ଋଷିକୂଲ୍ୟା ନଦୀ ତଟ ପୁଡୁଗେଶ୍ୱର ପଲ୍ଲୀ ବୁଡ଼ ତୋଟା ରେ ଗାଧଉଥିବା ବେଳେ ଉକ୍ତ ଗ୍ରାମର ଅନନ୍ତ ସ୍ୱାଇଁ, ଟୁକୁନା ବାରିକ,ରାଜା ଆର୍ଯ୍ୟ ସିଦ୍ଧାନ୍ତ ବାରିକ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲେ।ଏହି ଘଟଣା ରେ ତଦନ୍ତ କାରି ଆସିକା ଥାନା ଅଧିକାରୀ ସନ୍ତୋଷ ଜେନା ଆସିକା ଥାନା କେଶ ନଂ ୧୯୬/୧୮ ରେ ମାମଲା ରୁଜୁ କରି ମାମଲା ତଦନ୍ତ କରି ଉକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲେ। ଆଜି ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ୧୭ଜଣ ସାକ୍ଷ ଙ୍କ ବୟାନ କୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ ଉକ୍ତ ଚରିଜଣ ଙ୍କୁ ନିର୍ଦ୍ଦୋଷ ଖଲାସ କରିଛନ୍ତି। ଅନନ୍ତ ସ୍ୱାଇଁ ଓ ଟୁକୁନା ନାହାକ ଙ୍କ ପାଇଁ ବରିଷ୍ଠ ଆଇନ ଯିବି ଅଜିତ ଚୌଧୁରୀ ଓ ଅନ୍ୟ ଦୁଇ ଜଣ ଙ୍କ ପାଇଁ ବରିଷ୍ଠ ଆଇନ ଯିବି ଶରତେନ୍ଦୁ ପଣ୍ଡା ଓ ଗଙ୍ଗା ନାହାକ କେସ ପରିଚଳନା କରୁଥିଲେ।

## ଚକଦର ପ୍ରକଳ୍ପକୁ ନେଇ ତେଜିଲା ବିରୋଧ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର(ମହାଭାରତ): କେନ୍ଦୁଝର ଜିଲ୍ଲା ତେଲକୋଇଠାରେ ପ୍ରସ୍ତାବିତ ଚକଦର ପ୍ରକଳ୍ପକୁ ବିରୋଧ କରି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସମାକୋଇ ଚକଦର ପ୍ରକଳ୍ପ ସମନ୍ୱୟ ସମିତି ତେଲକୋଇ ଡାକରାରେ ହଜାର ହଜାର ସଂଖ୍ୟାରେ ତେଲକୋଇ ଅଞ୍ଚଳବାସୀ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ ଆସି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ, ବିଜେଡ଼ି ତଥା ଅନ୍ୟ ସଂଗଠନର ନେତା ଯୋଗଦେଇ ପ୍ରକଳ୍ପ ବିରୋଧରେ ରଣ ହୁଙ୍କାର ଦେଇଥିଲେ। ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲାର କୌଣସି ଉପକାର ହେବ ନାହିଁ । ଏଣୁ ଏହାକୁ ବନ୍ଦ କରିବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି।ଭିଟାମାଟିର ସୁରକ୍ଷା ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦେଳନକାରୀ କହିଛନ୍ତି। ପ୍ରକାଶ ଯେ, ଏହି ପ୍ରକଳ୍ପକୁ ୨୦ ବର୍ଷ ତଳେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ସ୍ଥଗିତ ରଖାଯାଇଥିଲା। ନୂଆ ସରକାର ଆସିବା ପରେ



ବଜେଟରେ ଏହି ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନ ଘୋଷଣା ପରେ ବର୍ତ୍ତମାନ କିଛି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ତେଲକୋଇ ବନ୍ଦ ମଧ୍ୟ ଡାକରା ଦିଆଯିବା ସହ ଏନ୍‌ଏଚ୍ ୪୯ ଅବରୋଧ କରି ଆନ୍ଦୋଳନ କରାଯାଇଛି। ହେଲେ ବର୍ତ୍ତମାନ ସରକାରଙ୍କ ଆଭିମୁଖ୍ୟକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଜେଡି ଜିଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ନିର୍ମଳ ନାୟକ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ଧନୁର୍ଜୟ ସିଦ୍ଧୁ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ପୂର୍ବତନ ଏମ୍ପି ଯଶୋବନ୍ତ ଲାଗୁରି, କମିଟି ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ନାରାୟଣ ପ୍ରଧାନ, ଇଂ ବିନୋଦ ନାୟକ ପ୍ରମଖ ଉପସ୍ଥିତ ରହି ଉଦ୍ବୋଧନ ଦେଇଥିଲେ।

## ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା(ମହାଭାରତ): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନାକୁ ନେଇ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ନିର୍ଦ୍ଦେଶରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ଅଗ୍ନିଶମ ବିଭାଗର ଅଧିକାରୀ ଅମ୍ରନ ଗୌରବ ଯୋଗ ଦେଇଥିବା ସହ ଅନ୍ୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ସଭାପତିତ୍ୱ କରି ସମ୍ମାନିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଅଧ୍ୟାପିକା ରୁକ୍ମଣୀ ସାହୁ, ଅଧ୍ୟାପକ ଗୌତମ ଚରଣ ଜେନା, ମୃତ୍ୟୁଞ୍ଜୟ ମହାନ୍ତି, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରଥମେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନା ଉପରେ ସମ୍ମାନିତ ଅତିଥି ଗୌରବ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନତା ଉପରେ ବକ୍ତବ୍ୟ ଦେଇଥିବା ବେଳେ ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଅଗ୍ନିଜନିତ ଆସନ୍ନ ଓ ବିପତ୍ତିର ନିରାକରଣ ପାଇଁ କଲେଜ ପରିସରରେ ପ୍ରତ୍ୟେକ୍ଷ ଜ୍ଞାନକୌଶଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ. ଗିରିଜାକାନ୍ତ ଦାସ ପରିଚାଳନା କରିବା ସହ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ପଣ୍ୟ କାରବାରରେ ପାରାଦୀପ ବନ୍ଦର ର ନୂତନ ରେକର୍ଡ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ତାର ନିରନ୍ତର ଉତ୍ସର୍ଗୀକୃତ ଓ ଉତ୍କର୍ଷ କାର୍ଯ୍ୟ ଦକ୍ଷତା ପାଇଁ ପଣ୍ୟ ପରିଚାଳନା ରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ଅକ୍ଟୋବର ୬,୨୦୨୪ ସୁଦ୍ଧା, ବନ୍ଦର ଚଳିତ ଆର୍ଥିକ ବର୍ଷରେ ୭୫.୧୭ ମିଲିୟନ ମେଟ୍ରିକ୍ ଟନ୍ (ଏମଏମଟି) ମାଲ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ସମୟ ସୀମାଠାରୁ ୧୨ ଦିନ ପୂର୍ବରୁ ଏହି ମାଇଲଖୁ□ ସ୍ଥାପନ ହୋଇଛି । ଏହି ଉଲ୍ଲେଖନୀୟ ସଫଳତା ଉପରେ ନିଜର ମନ୍ତବ୍ୟ ରେ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କହିଛନ୍ତି, ଏହି ସଫଳତା ଟିମ୍ ପିପିଏର କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତାର ପ୍ରମାଣ ଅଟେ, ଯେଉଁମାନେ କ୍ରମାଗତ ଭାବରେ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାକୁ ଚେଷ୍ଟା କରିଆସୁଛନ୍ତି। ଏହି ସଫଳତା କେବଳ ପାରାଦୀପ ବନ୍ଦରର ଭାରତର ସାମୁଦ୍ରିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ହବ୍ ଭାବରେ ବୃଦ୍ଧି ପାଉଥିବା ଭୂମିକାକୁ ଆଲୋକିତ କରେ ନାହିଁ ବରଂ ଦେଶର ଏକ ନମ୍ବର ପ୍ରମୁଖ ବନ୍ଦର ଭାବରେ ଏହାର ପ୍ରତିଷ୍ଠାକୁ ଦୃଢ଼ିମନ୍ତ କରେ ।ପାରାଦୀପ ବନ୍ଦର ର ଭିତ୍ତିଭୂମି ବୃଦ୍ଧି, ଶୃଙ୍ଖଳିତ କାର୍ଯ୍ୟ ଶୈଳୀ ଏବଂ ଏହାର ହିତାଧିକାରୀମାନଙ୍କୁ ଉତ୍ତମ ସେବା ପାଇଁ ବୈଷୟିକ ବ୍ୟବସ୍ଥା ଉପରେ କ୍ରମାଗତ ଭାବରେ ଗୁରୁତ୍ୱ ଦେଇଆସିଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ପଣ୍ୟ ପରିଚାଳନା ଲକ୍ଷ୍ୟ କୁ ଅତିକ୍ରମ କରି ବିଭିନ୍ନ ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ହୋଇ ବିଭିନ୍ନ ପ୍ରକାରର ପଣ୍ୟ ପରିବହନ ପାଇଁ ପାରାଦୀପ ବନ୍ଦରର ଦକ୍ଷତା ଓ କ୍ଷମତା ବୃଦ୍ଧି କୁ ସୂଚିତ କରେ । ଏହି କାର୍ଗୋ ପରିଚାଳନା ମାଇଲଖୁଣ୍ଟ□ ପ୍ରାରମ୍ଭିକ ସଫଳତା ବନ୍ଦର ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରେ, ଯାହା ଏହି ଅ□ଳରେ ଏହାର ରଣନୈତିକ ଗୁରୁତ୍ୱ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରିବାରେ ଏହାର ପ୍ରମୁଖ ଭୂମିକାକୁ ପ୍ରତିଫଳିତ କରିଥାଏ । ସାମୁଦ୍ରିକ ଶିଳ୍ପରେ ପାରାଦୀପ ବନ୍ଦର ନୂତନ ମାଇଲ ଖୁ□ ସ୍ଥାପନ କରିବାକୁ ଅଗ୍ରସର ହେଉଥିବା ନେଇ ବନ୍ଦରାଧକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ ।

## ହରିଶଙ୍କର ରେ ଜନ୍ମ ଦିନ ପାଳିଲେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ



ପାଟଣାଗଡ଼ ( ମହାଭାରତ ) ପ□ଞ୍ଚମ ଓଡ଼ିଶା ର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ମନ୍ଦିର ନିକଟ ମଣ୍ଡପ ରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଜନ୍ମ ଦିନ ପାଳନ କରିଥିଲେ। ଏହି ଅବସରରେ ଅତିଥି ଭାବରେ ରାଣ୍ଡି ପୁଅ ଅନନ୍ତା ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର , ପାଟଣାଗଡ଼ ଏସ ଡି ପି ଓ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନ ଅଧିକାରୀ ନରେନ୍ଦ୍ର ଛତ୍ର , ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ , ପ୍ରଡୁସର କୁମାର ସି ଦେବ, ଡାଇରେକଟର ଓ ଫଟୋଗ୍ରଫି ହୁଏନ୍ତ ସାଙ୍ଗ ମହାପାତ୍ର , ପ୍ରଡୁକସନ ଡେଶିଙ୍ଗନର ପି. ମଣ୍ଟୁ ମହାପାତ୍ର, କୋରିଓଗ୍ରେଫର ବୋବି ଇସଲାମ, ଏକଇ କୁଇଟିଭ ପ୍ରଡୁସର ଶୁଶାନ୍ତ ମହାପାତ୍ର , ଲାଇନ ପ୍ରଡୁସର ଗୋପାଳ ପଧାନ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ୍ୟ ଏହି ଅବସରରେ ଅଭିନେତା ଶ୍ରୀ ମିଶ୍ର ହରିଶଙ୍କର ମନ୍ଦିର ପ୍ରାଙ୍ଗଣ ରେ ଏକ ସୁଦ୍ଧା ପାନୀୟ ଜଳ ବ୍ୟବସ୍ଥା , ଭକ୍ତ ମାନେ ମନ୍ଦିର କୁ ଦର୍ଶନ କରି ଯିବା ସମୟରେ ପାଦ ରେ ତାତି ରକ୍ଷା ପାଇବା ପାଇଁ ମେଟ ବ୍ୟବସ୍ଥା ସହ ବ୍ଲକ ଅ□କର ପରୀକ୍ଷାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢା ରେ ସହାୟକ ହେବା ବୋଲି ଆର୍ଥିକ ସହାୟତା ଦେବେ ବୋଲି ଘୋଷଣା କରିଥିଲେ।

## ଜଙ୍ଗଲରୁ ହାତୀ ଉପଦ୍ରବ ରକ୍ଷା ପାଇଁ ଜିଲ୍ଲାପାଳଙ୍କ ଯୋଜନା ବୈଠକ

ଦେବଗଡ଼ (ମହାଭାରତ,): ସୋମବାର ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ହାତୀ ଉପଦ୍ରବ ରକ୍ଷା ପାଇବା ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସେ ବନ୍ୟ ହାତୀ ଦ୍ୱାରା ହୋଇଥିବା କ୍ଷୟ କ୍ଷତି ହେତୁ ସୃଷ୍ଟି ହେଉଥିବା ଦ୍ୱନ୍ଦକୁ କମ କରିବା ମାନବ ଓ ବନ୍ୟ ଜନ୍ତୁ ବିବାଦ ହ୍ରାସ କମିଟି ସମ୍ବନ୍ଧରେ ସମ୍ପୃକ୍ତ ହିତାଧିକାରୀଙ୍କୁ କୃଷି ଅଭ୍ୟାସ ଇତ୍ୟାଦିରେ ଉତ୍ତତ ବିକଳ୍ପ ଥିବା ସ୍ଥାନୀୟ ଲୋକମାନଙ୍କୁ ସୁବିଧା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ । ଯାହା ଦ୍ୱାରା କ୍ଷତି ହ୍ରାସ ହୋଇପାରିବ ଓ ସମସ୍ତ ବିଭାଗର ସହଯୋଗ ହାତୀ ଅବତ୍ତତି ଏବଂ ଲୋକଙ୍କ ସମ୍ବେଦନଶୀଳ କୁ କମ୍ କରିବାରେ ସାହାଯ୍ୟ କରିବ ବୋଲି ଆଲୋକପାତ କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ବିଭିନ୍ନ ବିଭାଗୀୟ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ବନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଠ ପଢୁଥିବା ବେଳେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ବେଗୁନିଆ,(ମହାଭାରତ): ବାଘମାରୀ ଥାନା ଅନ୍ତର୍ଗତ ଦିନିଆରି ଗ୍ରାମର ଶରତ ନାୟକଙ୍କ ପୁଅ ଜୀବନଜ୍ୟୋତି ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ଅସ୍ୱାଭାବିକ ଭାବେ ମୃତ୍ୟୁ ବରଣ କରିଛି ।ସୂଚନା ଅନୁଯାୟୀ ସିମୋର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀ ନାୟକଙ୍କ ପୁଅ ଜୀବନଜ୍ୟୋତି ପ୍ରତିଦିନ ଭଳି ବିଦ୍ୟାଳୟକୁ ଯାଇଥିଲେ। ତେବେ ସୋମବାର ଦିନ ପୂର୍ବାହ୍ନରେ ଶ୍ରେଣୀ ଗୃହରେ ଅଧ୍ୟୟନ କରୁଥିବା ସମୟରେ ଅତର୍କିତ ଭାବେ ଟଳି ପଡ଼ିଥିଲେ। ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଡ଼ାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏଥିରେ ବିଦ୍ୟାଳୟ ସମେତ ସ୍ଥାନୀୟ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୁଳିମାଡ଼-ଦୁଇ ଗିରଫ

ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ସିନାପାଲି ଥାନା କାପଶି ବରଗଛ ଛକ ନିକଟରେ ଘଟିଛି ଏକ ଅଭାବନୀୟ ଘଟଣା । ଦୁର୍ବୃତ୍ତ ଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ଆହତ । ଗୁରୁତର ଯୁବକ ଜଣକ ହେଲେ ସିନାପାଲି ଗାଁର ନୀଳାମ୍ବର ମେହେର(୩୭) ବୋଲି ଜଣାପଡିଛି ।ସେ ସିନାପାଲି ଥାନା କାପସି ଛକରେ ଏକ ଫାଷ୍ଟଫୁଡ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଗତକାଲି ରାତି ପ୍ରାୟ ଘ.୯. ୩୦ ସମୟରେ କେତେକ ଦୁର୍ବୃ□ ଉକ୍ତ ଛକରେ ପହଞ୍ଚି ନୀଳାମ୍ବରଙ୍କ ଉପରକୁ ଗୁଳିମାଡ଼ କରିଥିଲେ୍ୟ ସେଠାରେ ଦୁର୍ବୃ□ମାନେ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇ ଫେରାର ମାରିଥିଲେ। ଗୁଳି ନୀଳାମ୍ବରଙ୍କ ପେଟର ଡାହାଣ ପାର୍ଶ୍ୱରେ ବାଜି ବାହାରି ଯାଇଥିଲା। ପ୍ରବଳ ରକ୍ତସ୍ରାବ ହୋଇ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ନୀଳାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସିନାପାଲି ସିଏଚସିରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ସାଢେ ୧୦ ଟାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ତାଙ୍କୁ ଭାବନୀପାଟଣା ସ୍ଥାନାନ୍ତର କରାଯାଇଥିଲା ପରେ ସ୍ୱାସ୍ଥ୍ୟ ବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ରୁ ରାୟପୁର କୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ସିନାପାଲି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ କରି ଅଭିଯୁକ୍ତ ଦ୍ୱୟ କାପଶି ଗ୍ରାମର ନାସିର ଖାନ୍ ଓ ଅନ୍ୟଜଣେ ଅଭିଯୁକ୍ତ ଆଲୋକ ଦାସ କୁ କାବୁ କରି ଆଜି କୋଟ ଚଲଣା କରିଛନ୍ତି। ଉକ୍ତ ଘଟଣାଟି କେଉଁ କାରଣରୁ ଘଟିଛି ଓ ଦୁର୍ବୃତ୍ତ□ ମାନେ ନୀଳାମ୍ବରଙ୍କ ଉପରକୁ କାହିଁକି ଗୁଳି ଚଳନା କରିଛନ୍ତି ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି୍ୟ ଏହାର ଅଧିକ ତଦନ୍ତ ଚାଲିଛି ତଦନ୍ତ ପରେ ଏହାର ସତ୍ୟାସତ ଜଣାପଡିବ ବୋଲି ସିନାପାଲି ପୋଲିସ ସୂତ୍ରରୁ ସୂଚନା ଦିଆଯାଇଛି।

## ଜୁଆଙ୍ଗ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ର ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ତରଫରୁ ହରିଚନ୍ଦନପୁର ବ୍ଲକର ସୁନାପେଣ୍ଠ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ରେବଣା ପଳାଶପାଳ ଗ୍ରାମ ପଞ୍ଚାୟତର ବୁଢ଼ୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ବ□ନ କରାଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ସୁନାପେଣ୍ଠ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଶ୍ରୀମତୀ ସୀତା ମୁଣ୍ଡା ଓ ସମ୍ମାନିତ ଅତିଥି ରୂପେ କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ ଏବଂ କବି ତପନ କୁମାର ଦାଶ ଯୋଗଦେଇ ଆଦିବାସୀ ଜୁଆଙ୍ଗ ପିଲାମାନଙ୍କୁ ପାଠ ପାରେ ଅଧିକ ଉତ୍ସାହିତ କରିବା ପାଇଁ ଖାତା, କଲମ, ବିସ୍କୁଟ ଓ ଚକୋଲେଟ ଇତ୍ୟାଦି ପ୍ରଦାନ କରିଥିଲେ । କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ବୁଢ଼ୀପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର କର, ସହକାରୀ ଶିକ୍ଷକ ପରମେଶ୍ୱର ଜୁଆଙ୍ଗ ଓ ତିଗିରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଦ୍ୟାଧର ଜୁଆଙ୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଇଫକୋ ର ନୂତନ ମୁଖ୍ୟ ଙ୍କୁ ସମ୍ବର୍ଦ୍ଧନା ଓ ଚାରା ପ୍ରଦାନ

ପାରାଦୀପ(ମହାଭାରତ): ଇଫକୋ ପାରାଦୀପ ୟୁନିଟ ର ନୂତନ ମୁଖ୍ୟ ପି.କେ.ମହାପାତ୍ର ଙ୍କୁ ପାରାଦୀପ ର ଅଗ୍ରଣୀ ପରିବେଶ ଧର୍ମୀ ସଂଗଠନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ସହିତ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ ପଟ୍ଟନାୟକ ଙ୍କ ନେତୃତ୍ୱରେ ଟ୍ରଷ୍ଟ ର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ଇଫକୋ ମୁଖ୍ୟ ଶ୍ରୀ ମହାପାତ୍ର ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସୌଜନ୍ୟ ମୂଳକ ସାକ୍ଷାତ କରି ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ ପାଇଁ ସ୍ୱାଗତ ଓ ଅଭିନନ୍ଦନ କରାଯାଇ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ଏବଂ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଇଫକୋ ର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଇଫକୋ ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ତ କୁମାର ବେଉରା ଓ ଅନ୍ୟ ଅଧିକାରୀ ଙ୍କ ଉପସ୍ଥିତରେ ଟ୍ରଷ୍ଟ ର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ପ୍ରତିରଞ୍ଜନ ମହାପାତ୍ର, ସଞ୍ଜୟ ମିଶ୍ର, ସାଧାରଣ ସମ୍ପାଦକ ଅଲେଖ ସ୍ୱାଇଁ, ସମ୍ପାଦକ ପ୍ରଭାକର ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ ଓ ସୁଧାଂଶୁ ନାୟକ, ସଦସ୍ୟ ରତ୍ନାକର ଜେନା, ଆଲୋକ



ମହାପାତ୍ର, ଦୀପକ ଦାସ,ମନୋଜ ସାହୁ, ବିରଜା ସେଠୀ ପ୍ରମୁଖ ଇଫକୋ ମୁଖ୍ୟ ଶ୍ରୀ ମହାପାତ୍ର ନୂତନ ଦାୟିତ୍ୱ ଗ୍ରହଣ ପାଇଁ ସ୍ୱାଗତ ଜଣାଇବା ସହ ପାରାଦୀପ ର ପାରିପାର୍ଶ୍ୱିକ ଉନ୍ନୟନ କ୍ଷେତ୍ରରେ ଇଫକୋ ର ସହଯୋଗ କୁ ଜାରି ରଖିବା ପାଇଁ ଅନୁରୋଧ କରିଥିଲେ।

## ଗଙ୍ଗାସାଗର ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୋଟ ୩୬୦ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆ ହୋଇ ରେସନ କାର୍ଡ ୬୦ ଗୋଟି , ବାର୍ଦ୍ଧକ୍ୟ ଭର୍ତ୍ତା ୪୦ ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୦୦ ଅଭିଯୋଗ ପତ୍ର ଦେଇଥିଲେ ଗ୍ରାମ ବାସି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ଓ ଜିପିଓ ସନ୍ତୋଷ କୁମାର ନାୟକ , ସରପ□ ଇନ୍ଦ୍ରମଣୀ ହରିପାଲ , ଇଓ ଭୋଜରାଜ ସାହୁ , ଜିଆରଏସ ଜ୍ୟୋଷ୍ନାଞ୍ଜଳୀ ମେହେର , ଯୋଗାଣ ସହାୟକ ଦୂର୍ଯ୍ୟଧନ ସାହୁ , ଜେଇ ରଜନୀକାନ୍ତ ବେହେରା ସମେତ ସମସ୍ତ ବିଭାଗ ର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ।

## ପନ୍ଦର ମାସ ହେଲା ଦରମା ନାହିଁ, ମହିଳା ସଶକ୍ତିକରଣ କାହା ପାଇଁ

କଳାହାଣ୍ଡି,(ମହାଭାରତ)- ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ମିଶନ ଶକ୍ତି ମାଁ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଏହା ବାଦ ନାରୀ ସଶକ୍ତିକରଣ ଓ ସ୍ୱାବଲମ୍ବନ କ୍ଷେତ୍ରରେ ମଧ୍ୟ ଏମାନଙ୍କ ଭୂମିକା ପ୍ରଶଂସନୀୟ। ତେବେ ଅନ୍ୟକୁ ସ୍ୱାବଲମ୍ବୀ କରୁକରୁ ନିଜ ପରିବାର ପ୍ରତିପୋଷଣ ଏମାନଙ୍କ ପାଇଁ ଅସମ୍ଭାଳ ହୋଇଯାଇଛି। ମାସେ ନୁହେଁ କି ଦି ମାସ ନୁହେଁ ଦୀର୍ଘ ୧୫ମାସ ହେବ ଏହି ବିଭାଗରେ କାର୍ଯ୍ୟରତ ଏମବିକେ,ସିଆରପି ଆଦି କମ୍ୟୁନିଟି ସପୋର୍ଟ ଷ୍ଟାଫ ତାଙ୍କ ପ୍ରୋତ୍ସାହନ ରାଶି



ପାଇ ନାହାନ୍ତି। ସୁଚନା ଅନୁଯାୟୀ ଓଡିଶା ଜୀବିକା ମିଶନ ଓ ମହିଳା ମିଶନ ଶକ୍ତି ତରଫରୁ ୨୦୨୩ ଜୁଲାଇରେ ବିଭିନ୍ନ ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ଏମବିକେ ଏବଂ ସିଆରପି ନିଯୁକ୍ତି ହୋଇଥିଲା। ଏଥିପୂର୍ବରୁ ଚାରି ବର୍ଷ ପୂର୍ବେ ପ୍ରଥମ ପର୍ଯ୍ୟାୟ ନିଯୁକ୍ତି ହୋଇସାରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତି ପାଇଥିବା ଏମବିକେ ସିଆରପି ମାନେ ନିଯୁକ୍ତି ପରେ କେବଳ ୬ ମାସର ବର୍ଦ୍ଧିତ ରାଶି ଅର୍ଥାତ୍ ଅକ୍ଟୋବର ୨୦୨୩ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପାଇଛନ୍ତି। ଯାହା ତାଙ୍କ ଏକାଉ□ରେ ଜମା ହୋଇଥିଲା।କିନ୍ତୁ ନିଯୁକ୍ତି ପରଠାରୁ ମୂଳ ପ୍ରୋତ୍ସାହନ ରାଶି ବର୍ତ୍ତମାନ ଯାଏଁ ପାଇନାହାନ୍ତି। ଯାହାକୁ ନେଇ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ଏପଟେ ମିଶନ ଶକ୍ତିକୁ ଆହୁରି ସଶକ୍ତ କରିବ ବୋଲି ଘୋଷଣା କରୁଛି। ଖୋଦ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଏହାର ଦାୟିତ୍ୱ ସମ୍ଭାଳିଛନ୍ତି। କିନ୍ତୁ ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀ ୧୫ ମାସ ହେବ ପେଟରେ ଓଦା କନା ଦେଇ କାମ କରୁଛନ୍ତି। ଖବର ଅନୁଯାୟୀ ଏ ବିଷୟରେ ଖୋଦ ଉପମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏମବିକେ ସିଆରପି ସଂଘ ଅବଗତ କଲାଣି ।କିନ୍ତୁ କିଛି ଫଳ ମିଳିନାହିଁ। ଲୋକୋସ ସଫ୍ଟୱେର ସମସ୍ୟା ପାଇଁ ଏଭଳି ଅସୁବିଧା ଉପୁଜିଛି ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏହି ସଫ୍ଟୱେର କେଉଁ ଧାତୁରେ ଗଢା ହୋଇଛି ଯେ ସନ୍ଧ୍ୟାରେ ଯେଉଁ ଡାଟା ଅପଡେଟ ହୋଇଥିବ ସକାଳ ବେଳକୁ ତାହା ରିଜେକ୍ଟ ହୋଇ ଯାଇଥିବ। ଏନେଇ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକଙ୍କୁ ପଚାରିବାରୁ ଲୋକୋସ ସଫ୍ଟୱେର ପାଇଁ ଏଭଳି ସମସ୍ୟା ଦେଖାଦେଉଛି ବୋଲି କହିବା ସହ ସିଆରପି ଏମବିକେମାନେ ଯେଉଁ ପ୍ରକ୍ରିୟା ଦେଇ ଡାଟା ଏଣ୍ଟ୍ରି କରିବା କଥା ସେହି ପ୍ରକ୍ରିୟା ଭୁଲ ରହିଛି ବୋଲି କହିଥିଲେ। ତାଙ୍କ ଉତ୍ତର ପରସ୍ପର ବିରୋଧୀ ଥିଲା। ଯଦି ଏଣ୍ଟ୍ରି ପ୍ରକ୍ରିୟା ଭୁଲ ରହେ ତେବେ କୌଣସି ପରିସ୍ଥିତିରେ ସଫ୍ଟୱେର ତାକୁ ଗ୍ରହଣ କରିବ ନାହିଁ। ଯଦି ସଫ୍ଟୱେର ଭୁଲ ତେବେ ସିଆରପି ଏମବିକେଙ୍କ ଦୋଷ କ'ଣ ?ବିଭାଗ ଏଥିରେ ସୁଧାର ଆଣି ନୂଆଁ ସଫ୍ଟୱେର ବିକଶିତ କରିବା କଥା କିମ୍ବା ପ୍ରୋତ୍ସାହନ ରାଶି ପ୍ରଦାନରେ ଅନ୍ୟ କୋଣସି ବିକଳ୍ପ ଗ୍ରହଣ କରିବା କଥା। ବିଭାଗ କିନ୍ତୁ ତାହା ନକରି ସଫ୍ଟୱେରକୁ ଦୋଷ ଦେଇ ହାତ ବାନ୍ଧି ବସିରହିଛି। ଏ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ନିର୍ବରଶୀଳ ଲୋକେ ଦାବୀ କରୁଛନ୍ତି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କ ବେକ କାଟି ହତ୍ୟା, ଅଭିଯୁକ୍ତ ଗିରଫ

### ହତ୍ୟାରେ ବ୍ୟବହୃତ ଛୁରୀ ସମେତ ୨ ବାଇକ୍ ଜବତ

ହିଞ୍ଜିଳିକାଟୁ, (ମହାଭାରତ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ବଡଖଣ୍ଡି ଗ୍ରାମ ଜଗନ୍ନାଥ ମନ୍ଦିର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଛି ହତ୍ୟାକାଣ୍ଡୟ ଏକ ଛୁରୀ ସାହାର୍ଯ୍ୟରେ ଯୁବକଙ୍କ ବେକକୁ କାଟି ହତ୍ୟା କରାଯାଇଛି। ହତ୍ୟାର ଶୀକାର ହୋଇଥିବା ଯୁବକ ଜଣଙ୍କ ହେଲେ ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ରାଜୁ ରେଡ୍ଡି (୩୨)। ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ସୁବ୍ରତ ରେଡ୍ଡି। ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ହତ୍ୟାରେ ବ୍ୟବହୃତ ଛୁରୀ ସମେତ ୨ଟି ବାଇକକୁ ଜବତ କରିଛି। ପ୍ରକାଶ ଯେ, ବ୍ରହ୍ମପୁର ସଦର ଥାନା



ସାତପହଣ୍ଡିଆ ଗ୍ରାମର ରାଜୁ ରେଡ୍ଡି ସହ ସୁବ୍ରତ ରେଡ୍ଡିଙ୍କ ସହ ପୂର୍ବରୁ ଶତୃତା ରହିଥିଲା। ରବିବାର ବିଳମ୍ବିତ ରାତିରେ ରାଜୁ ବ୍ରହ୍ମପୁରରୁ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପୂର୍ ଶତୃତାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସୁବ୍ରତ ହିଞ୍ଜିଳି ଥାନା ବଡଖଣ୍ଡି ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ନିକା□ନ ଜାଗାରେ ଛକି ବସିଥିଲେ। ରାଜୁ ସେହି ରାସ୍ତା ଦେଇ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ସୁବ୍ରତ, ରାଜୁଙ୍କୁ ଅଟକାଇବା ସହ ଗାଳି ଗୁଲଜ କରିଥିଲେ। ପରେ ଉତକ୍ଷିପ୍ତ ହୋଇ ସୁବ୍ରତ ଧରିଥିବା ଏକ ଧାରୁଆ ଛୁରୀରେ ସୁବ୍ରତଙ୍କ ବେକକୁ କାଟି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବା ସହ ମୃତ୍ୟୁ ଘଟିବା ପରେଶ୍ ରାସ୍ତା ପ୍ରାର୍ଶ୍ୱ ଏକ ଧାନ ଋଷଜମିକୁ ରାଜୁ ଙ୍କ ମୃତଦେହକୁ ଫୋପାଡି ଘଟଣା ସ୍ଥଳକୁ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ଶେରଗଡ଼ ଥାନା ଆଇଆଇସି ବରେନ୍ଦ୍ର ସିଅଳ, ହିଞ୍ଜିଳି ଥାନା ଏଡିସିନାଲ ଆଇଆଇସି ପଦ୍ମ ଚରଣ ଭଟ୍ଟଙ୍କ ସମେତ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଥିଲେ। ମୃତଦେହକୁ ଜବତ କରି ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ସୁବ୍ରତ ଘଟଣା ସ୍ଥଳରେ ନିଜ ମୋଟର ସାଇକେଲ (ଓଡି୦୭ଏଭି ୨୪୬୪)କୁ ଛାଡି ଋଲି ଋଲି ହିଞ୍ଜିଳିକାଟୁ ଅଭିମୁଖେ ଫେରାର ହେଉଥିବା ସମୟରେ ହିଞ୍ଜିଳି ଥାନା ତଥା ୫୯ ନଂ ଜାତୀୟ ରାଜପଥ ପୋଚିଲିମା ଛକ ନିକଟରେ ଦୂର୍ଘଟଣାର ଶୀକାର ହୋଇ ରାସ୍ତାରେ ପଡି ଯାଇଥିଲେ। ସେହି ରାସ୍ତାଦେଇ ଯାତାୟତ କରୁଥିବା କିଛି ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଦ୍ଧାର କରିଥିବା ଲୋକଙ୍କୁ ଆହତ ଜଣଙ୍କ ଗୋଟିଏ ହତ୍ୟା କରି ଆସିଛି ଏବଂ ତୁମ୍ଭ ମାନଙ୍କୁ ମଧ ହତ୍ୟା କରିବି ବୋଲି ଧମକ ଦେଇଥିଲେ। ଉଦ୍ଧାର କରୁଥିବା ବ୍ୟକ୍ତି ମାନେ ଭୟରେ ଘଟଣା ନେଇ ହିଞ୍ଜିଳି ପୁଲିସକୁ ଖବର ଦେଇଥିଲେୟ ଖବର ପାଇ ଆସିକା ଏସଡିପିଓଙ୍କ ସମେତ ପୁଲିସ ଅଧିକାରୀ ଓ ଫୋର୍ସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାଜୁ ଙ୍କୁ ହତ୍ୟା କରିଥିବା ନେଇ ସୁବ୍ରତ ଆସିକା ଏସଡିପିଓଙ୍କ ନିକଟରେ ସ୍ୱୀକାର କରିଥିଲେ। ସୁବ୍ରତଙ୍କ ପ୍ରାଥମିକ ଚିକିତ୍ସା ପରେ ପୁଲିସ ଗିରଫ କରିଛି। ସୋମବାର ମୃତଦେହ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ଅଭିଯୁକ୍ତଙ୍କ ବୟାନ ରେକର୍ଡ ପରେ କୋର୍ଟ ଋଲାଣ କରାଯିବ ବୋଲି ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

## ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ



ବଲାଙ୍ଗୀର(ମହାଭାରତ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ କନ୍ଧକେଳ ଗାଁ ଗ୍ରାମ ପଞ୍ଚାୟତ ଠାରେ କନ୍ଧକେଳ ଗାଁ ସରପ□ ଅହଲ୍ୟା ସାହୁ ଙ୍କ ତତ୍ତ୍ୱାବଧାନ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ସଇଁନ୍ତଲା ବିଡ଼ିଓ ବିନୟ କୁମାର ଭୋଇ ଙ୍କ ଉପସ୍ଥିତି ରେ ଏକ ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଉକ୍ତ କାର୍ଯ୍ୟକ୍ରମ କୁ କନ୍ଧକେଳ ଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରଧର ବାଗ ମୂଖ୍ୟ ଦାୟିତ୍ୱ ତୁଲାଇ ଥିବା ବେଳେ ଜିଆର ଏସ୍ ସୀତାରାମ ବାଗ .ଯୋଗାଣ ସହାୟକ ଜତୀନ୍ଦ୍ର ଦାସ .ବଜାନା ବସିନି ଦାସ (ଏପିଓ)ଦୁଲଣା ବାଗ (ବିଏଲ ସି) ବବିତା ମେହେର (ଭି ଏ ଡବ୍ଲୁ )ମଧୁସ୍ମିତା ବେହେରା (ଏଫ୍ ଜି) ପୁରୁଷୋ□ମ ପାତ୍ର (ଏମ୍ ଏ)ଦେବରାଜ ନାୟକ (ଏଚ୍ ଇ ଡବ୍ଲୁ )ସୁଜିତ ମହାନ୍ତି .କିରଣ କୁମାର ପାଣିଗ୍ରାହୀ .ସରୋଜ କୁମାର ସାହୁ .ଭାନୁପ୍ରତାପ ଭୋଇ .ରବିନ୍ଦ୍ର ସାହୁ ଉପସ୍ଥିତ ଥିବା ବେଳେ ତିନିଶହ ରୁ ଅଧିକ ଜଣ ଦରଖାସ୍ତ କରିଥିଲେ ।ବିରାଟ କାନି ଗ୍ରାମ ର ଯୁବ ଗୋଷ୍ଠୀ ଗ୍ରାମ ର ଖେଳ ପଡିଆ କୁ କେତେଜଣ ବ୍ୟକ୍ତି ଅକ୍ତିଆର କରି ଘର ନିର୍ମାଣ କରିଥିବା ଅଭିଯୋଗ କରିଛନ୍ତି। ଜଳିଆ ଦର୍ହ ଗ୍ରାମ ର ପାନିୟ ଜଳ ଯୋଗାଣ ର କେତେକ ପାଇପ ଲାଇନ ଖରାପ ହୋଇ ଥିବା ଯୋଗୁଁ ଠିକ ଭାବରେ ପାଣି ସଂଯୋଗ ହୋଇ ନ ଥିବା ଅଭିଯୋଗ ହୋଇଛି। କନ୍ଧକେଳ ଗାଁ ରେ ମଧ୍ୟ କିଛି ପଡା ରେ ଜଳ ସଙ୍କଟ ହେଉଥିବା ଦରଖାସ୍ତ ହୋଇଛି।

## ଆସିକା ନଲବଣ୍ଟାରୁ ୧୦ ଲକ୍ଷ ଟଙ୍କା ର ବେଆଇନ ବାଣ ଜବତ, ୦୩ ଗିରଫ ୬ଜଣ ଫେରାର




ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲାର ଆସିକା ଥାନା ଇଲାକାରେ ବାଣ କାରଖାନା ଭାବେ ପରିଚିତ ନଳବ□ା ଗ୍ରାମରେ ଆସିକା ପୋଲିସ ପକ୍ଷରୁ ଅଚାନକ ଚଢ଼ାଉ। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଅରକ୍ଷୀ ଅଧିକାରୀ ଶୁଭେନ୍ଦୁ କୁମାର ପାତ୍ର ପରାମର୍ଶ ରେ ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଂଜୟ କୁମାର ମହାପାତ୍ର ଙ୍କ ନେତୃତ୍ୱ ରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ , କୋଟିନଡା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହାଙ୍କ ନେତୃତ୍ୱରେ ଏସ ଆଇ ଅମ୍ବିକା ବେଣିଆ, ଜ୍ଞାନ ସେଠୀ, ଏ ଏସ ଆଇ ଅଶୋକ କୁମାର ପଟ୍ଟନାୟକ, ପୁରୁଷୋ□ମ ମାଝି ଙ୍କ ସମେତ ୦୨ ପ୍ଲାଟୁନ ପୋଲିସ ଫୋର୍ସ ଆଜି ଆସିକା ବ୍ଲକ ର ନଳବ□ା ଗ୍ରାମରେ ଚଢ଼ାଉ କରିଥିଲେ। ନଳବର୍ଣ୍ଣା ଗ୍ରାମର ଅତର୍କିତ ଚଢ଼ାଉ ସମୟରେ ଗ୍ରାମର ବିଭିଉ ସାହିରେ ଋଲିଥିବା ଅନେକ ବେଆଇନ ବାଣ ପ୍ରସ୍ତୁତ କରୁଥିବା କଞ୍ଚାମାଲ,ବାରୁଦ, ବିଭିଉ ପ୍ରକାରର ବାଣ ସହ ୦୩ ଜଣ ବାଣ କାରଖାନା ମାଲିକଙ୍କୁ ଗିରଫ କରିବା ସହ ଏକ ବାଣ ବୋଝେଇ ଅଟୋ କୁ ଜବତ କରାଯାଇଛି। ଘଟଣା ସ୍ଥଳରୁ ଅନ୍ୟ ୬ଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। ଆଜି ଜବତ ହୋଇଥିବା ବାଣର ମୂଲ୍ୟ ପାଖାପାଖି ୧୦ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ହେବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି । ବାଣ ତିଆରି ଅଭିଯୋଗ ରେ ଥାନା କେସ ନମ୍ବର ୬୧୨,୬୧୩,୬୧୪,୬୧୫,୬୧୬,୬୧୭ ୨୪ ପ୍ରକାରେ ନଳବଣ୍ଟା ଗ୍ରାମର ବୁଦ୍ଧିରାମ ସେଠୀ, ପିଣ୍ଟୁ ସେଠୀ, ଏବଂ ଜିତେନ୍ଦ୍ର ଜେନା ଙ୍କୁ ଗିରଫ କରି ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଋଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୋଲିସ ଶୀଘ୍ର ଗିରଫ କରିବ ବୋଲି ଥାନା ଅଧିକାରି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

## ଦଶପଲ୍ଲାରେ ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା

### ଡବଲ ଇଞ୍ଜିନ ସରକାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିଶୃତି ପାଣିର ଗାର

ଦଶପଲ୍ଲା, ( ମହାଭାରତ ) : କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶୃତି ପ୍ରତିବାଦରେ ନୟାଗଡ଼ ଦଶପଲ୍ଲାରେ ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା। ବିଜୁ ଜନତା ଦଳର ରାଜ୍ୟ ସଭାପତି ପୂର୍ବ□ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଶହ ଶହ ବିଜେଡି କର୍ମୀଙ୍କୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଦଶପଲ୍ଲା ବ୍ଲକ୍, ଏନ.ଏ.ସି ସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଦଶପଲ୍ଲା ମହାବୀର ଙ୍କ ମନ୍ଦିର ଠାରୁ ବାହାରି ମେଳିଆ ଡୋଟା ପର୍ଯ୍ୟନ୍ତ ଯାଇଥିଲା। ଦଶପଲ୍ଲା ବିଧାୟକ ରମେଶଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନ ସମ୍ପର୍କ ପଦଯାତ୍ରାରେ ଦଶପଲ୍ଲା ବ୍ଲକର ସମସ୍ତ ପଞ୍ଚାୟତ ଓ ଏନ୍ଏସି ର ନିର୍ବାଚିତ ଜନ ପ୍ରତିନିଧି ସମେତ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀ, ଶୁଭେଚ୍ଛୁ, ସମର୍ଥକ ଯୋଗଦେଇଥିଲେ। ଡବଲ ଇଞ୍ଜିନ ସରକାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଏବଂ ବିଜେଡ଼ି ସରକାରର ସଫଳତା ସାଙ୍ଗକୁ ନବୀନ ବାବୁଙ୍କ ଲୋକପ୍ରୀୟତା ନେଇ ଦଳ ପକ୍ଷରୁ ଦଶପଲ୍ଲାରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲ୍ଲା ବ୍ଲକ ଏବଂ ଏନ୍ଏସି ର ଅଧକ୍ଷାଙ୍କ ସହ ନୂଆଗାଁ ଏବଂ ଗଣିଆ ବ୍ଲକର ଅଧକ୍ଷ ଏହି ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ। ନିର୍ବାଚନ ବେଳେ ମିଥ୍ୟା ପ୍ରତିଶୃତି ଦେଇ ରାଜ୍ୟରେ ବିଜେପି ସରକାର




କୁ ଆସିଥିବା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି କୁଆଡେ ଗଲା ନିର୍ବାଚନ ବେଳେ ଲୋକଙ୍କୁ ଦେଇଥିବା ବିଜେପିର ପ୍ରତିଶୃତି। ଓଡ଼ିଆ ଅସ୍ମିତା ଠାରୁ ଆରମ୍ଭ ଦାଦନ ଶ୍ରମିକ ସମସ୍ୟା ଏବଂ ବେକାରୀ ସମସ୍ୟା ପୁରାଣ ଦିଗରେ ବିଫଳତା କଥା କହି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି ବିଜେଡ଼ିର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମଣ୍ଡି,(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଏସ.ଆନନ୍ଦ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ,ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ପୃଥ୍ୱୀରାଜ ମଣ୍ଡଳ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଓ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୮୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୬ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୯ ଗୋଟି ଓ ୮ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା



ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିଉ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ୍ ବୀରାରାଜୁ,ଉପଖଣ୍ଡ ପୋଲିସ ଅଧିକାରୀ ମାଧବନନ୍ଦ ନାୟକ ,ଅଭିଯୋଗ ଶୁଣାଣୀର ନୋଡାଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଲିପିନା ଦାସ, ଗୋଷାଣୀ ଗୋଷ୍ଠୀ ଉଉୟନ ଅଧିକାରୀ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଆଲ୍ଲୀ,ସ୍ଥାନୀୟ ତହସିଲଦାର । ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ୬୪ ତମ ଶାରଦୀୟ ନବ ଦିନାତ୍ମକ ଦୁର୍ଗା ପୂଜା ବଡ଼ ବ୍ରାହ୍ମଣ ସାହିରେ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବଡ଼ ବ୍ରାହ୍ମଣ ସାହି ଛକରେ ଜୟ ଦୁର୍ଗା ପୂଜା କମିଟି ପକ୍ଷରୁ ୬୪ ତମ ଶାରଦୀୟ ନବ ଦିନାତ୍ମକ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ୯ ଦିନ ଧରି ହେବ,ମାଆଙ୍କର ହୋମ ଯଜ୍ଞ ପୂର୍ଣ୍ଣାହୁତି ପ୍ରବୃତି କାର୍ଯ୍ୟକ୍ରମ ରହିଛି ।୧୪ ତାରିଖରେ ମାଆ ଦୁର୍ଗାଙ୍କର ଭାଷାଣି ଉତ୍ସବ ରହିଛି।



ଅଖଣ୍ଡ ଦୀପ ଜାଳିବା ବ୍ୟବସ୍ଥା ରହିଛି ।ସନ୍ଧ୍ୟା ହେଲେ ମାଆଙ୍କ ସନ୍ଧ୍ୟା ଆଳତୀ ଦର୍ଶନ କରିବା ସକାଶେ ଭକ୍ତଙ୍କ ସମାଗମ ହେଉଛି। ଆଲୋକ ସଜ୍ଜାରେ ବଡ଼ ବ୍ରାହ୍ମଣ ସାହି ଛକ ଝଲସି ଉଠୁଛି।

## ସୂରଜମଲ୍ କଲେଜରେ ଇଣ୍ଡକସନ୍ ତାଲିମ

ରେଙ୍ଗାଲି(ମହାଭାରତ): ଦିନ ରମ୍ଭେଲାସ୍ଥିତ ସୂରଜମଲ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ୍ ପକ୍ଷରୁ ଏକ ଇଣ୍ଡକସନ୍ ତାଲିମ କାର୍ଯ୍ୟକ୍ରମ କଲେଜ ଅଧକ୍ଷ ଡ.ମନୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଅଧାପକ ଡ. ନରେଶ ଚନ୍ଦ୍ର ଅଗ୍ରୱାଲ ଅତିଥି ଭାବରେ ଯୋଗ ଦେଇ ସ୍ୱାସ୍ଥ୍ୟ ଓ ଜୀବନ ସୁରକ୍ଷା ଉପରେ ରେଡ଼କ୍ରସ୍ ର ଭୂମିକା ଉପରେ ଆଲୋକପାତ କରିଥିଲେ। ଯୁବ ରେଡ଼କ୍ରସ୍ ସଂଯୋଜିକା ଅଧାପିକା ରଞ୍ଜିତା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯୁବ ରେଡ଼କ୍ରସ୍ ର ସଦସ୍ୟ ଅଧାପକ ଓମ୍ ପ୍ରକାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଦସ୍ୟ ଅଧାପକ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ନୀଳମାଧବ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବର୍ଷିୟାନ ସାମ୍ବାଦିକ ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକ ଜୀବନରେ ଘଟୁଥିବା ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ସଂଗଠନକୁ ମଜବୁତ କରିବା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର ସଂଘର ଆଗାମୀ କାର୍ଯ୍ୟପ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ଗାଁ ଶାଖା ସଭାପତି ଅଶୋକ



କୁମାର ମହାପାତ୍ର, ଦଶପଲ୍ଲା ବ୍ଲକ ସଂଯୋଜନ ପ୍ରଫୁଲ୍ଲ କୁମାର ଦାଶ ସାମ୍ବାଦିକଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୟାଗଡ଼ ଜିଲ୍ଲାରେ ବିଶୃଙ୍ଖଳା ସୃଷ୍ଟି କାରୀ ସଂଘ ପାଇଁ ବିପଦ ବୋଲି ଅନ୍ୟତମ ସଦସ୍ୟ ଅନୱାର ମଲ୍ଲିକ ମତବ୍ୟକ୍ତ କରିଥିଲେ। ଯାହାକୁ ନେଇ ଜିଲ୍ଲା ସଭାପତି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ସମ୍ପର୍କରେ ରାଜ୍ୟ ସଂଘକୁ ଅବଗତ କରାଯିବ ବୋଲି ମତ ଦେଇଥିଲେ। ସଂଘ ପକ୍ଷରୁ ବିଭିଉ ବ୍ଲକ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ, ବାର୍ଷିକ ଦେୟ ଆଦାୟ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ବିଭିଉ ବ୍ଲକରୁ ଜିଲ୍ଲା ଶାଖାକୁ ସହଯୋଗ କରିବା ପାଇଁ ସଂଯୋଜକ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଅନୀଲ କୁମାର ପଣ୍ଡା, ରଜତ ପଟ୍ଟନାୟକ, ରବୀନ୍ଦ୍ର ଦାଶ, ଦେବବ୍ରତ ନାୟକ, ବିଶ୍ୱଜିତ ନାୟକ, ନିହାର ରଞ୍ଜନ ପଟ୍ଟନାୟକ, ବିଭୂତି ଭୂଷଣ ସ୍ୱାଇଁ, ଯଜାତୀ କେଶରୀ ମହାପାତ୍ର, ସନ୍ତୋଷ କୁମାର ନାୟକ, ଗଗନ ମହାପାତ୍ର ପ୍ରମୁଖ ପରିଋଳନା କରିଥିଲେ। ସଂଘର ଅନ୍ୟତମ ଉପଦେଷ୍ଟା ଗୋଦାବରୀ ସାହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଜିଲ୍ଲାରୁ ୧୫୦ରୁ ର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ପ୍ରତି ସମର୍ଥନ ଏବଂ ଉତ୍କଳ ସାମ୍ବାଦିକ ସଂଘର ଏକତାକୁ ବଜାୟ ରଖିବାକୁ ମତ ଦେଇଥିଲେ।

## ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୪୫ତମ ଶ୍ରାର୍ଦ୍ଧ ବାର୍ଷିକୀ ପାଳିତ

କେନ୍ଦ୍ରାପଡ଼ା(ମହାଭାରତ): ଆଜି କେନ୍ଦ୍ରାପଡାର ବରପୁତ୍ର, ବିକାଶ ପୁରୁଷ, ପୂର୍ବତନ ମନ୍ତ୍ରୀ ଓଡିଶା ଉଚ୍ଚ ନ୍ୟାୟାଳୟର ଆଡ ଭୋକେଟ ଜେନେରାଲ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୪୫ତମ ଶ୍ରାର୍ଦ୍ଧ ବାର୍ଷିକୀ ପାଳିତ ହୋଇଯାଇଅଛି । କେନ୍ଦ୍ରାପଡା ତହସିଲ ଅଫିସ ନିକଟରେ ସ୍ଥାପିତ ହୋଇଥିବା ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ପ୍ରତି ମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଏଠାରେ ଏକ ଶ୍ରଦ୍ଧାଳି ସଭା ଶିକ୍ଷାବିତ ଅଜୟ ସାମଲଙ୍କ ପୈରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ ଶ୍ରଦ୍ଧାଳି ଅର୍ପଣ କରି ସ୍ୱର୍ଗତ ସାହୁଙ୍କର କେନ୍ଦ୍ରାପଡା ଜିଲ୍ଲାରେ ବହୁମୁଖି ବିକାଶ ମୂଳକ କାର୍ଯ୍ୟର ଅବତାରଣା କରି କେନ୍ଦ୍ରାପଡା ମହାବିଦ୍ୟାଳୟ, ସରକାରୀ ଇନିୟରିଂ ସ୍କୁଲ, କେନ୍ଦ୍ରାପଡା ଶିକ୍ଷାଞ୍ଚଳ ଓ ବଳଦେବଜୀଉ ପାୱାର ଲୁମ୍, ଝୋଟ ଗବେଷଣା କେନ୍ଦ୍ର ଇତ୍ୟାଦି ପ୍ରତିଷ୍ଠା ଏମାଟି ପାଇଁ ସର୍ବଶ୍ରେଷ୍ଠ ଅବଦାନ । ପ୍ରାକ୍ତନ୍ୟ ଅଧକ୍ଷ ନନ୍ଦ କିଶୋର ପରିଡା ତାଙ୍କ ବକ୍ତବ୍ୟରେ ସେ ଜଣେ ସ୍ୱାଭିମାନୀ ରାଜନେତା ଓ ଓଡିଶାର ବିଧାନସଭାକୁ ୧୯୪୬, ୧୯୫୨, ୧୯୫୭ ମସିହାରେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରୁ ବିଧାୟକ ନିର୍ବାଚିତ ହୋଇ ଓଡିଶା ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ଆଇନ, ଶିକ୍ଷ, ରାଜସ୍ୱ, ସ୍ୱାସ୍ଥ୍ୟ ଓ କୃଷି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇ ଓଡିଶାର ବହୁ ଉନ୍ନତିମୂଳକ କାର୍ଯ୍ୟର ସ୍ରଷ୍ଟା ଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଓକିଲ ସଂଘର ସଭାପତି ଧ୍ରୁବ ଚରଣ ଜେନା ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରି ପ୍ରାକ ସ୍ୱାଧୀନତା କାଳରେ ସ୍ୱାଧିନତା ସଂଗ୍ରାମୀ ଓ ପ୍ରଜା ଆନ୍ଦୋଳନରେ ପ୍ରଜାମାନଙ୍କ ବିନା ପାରିଶ୍ରମିକରେ ଲଢି ସେମାନଙ୍କୁ ଆଇନ ସହାୟତା କରି ସେ ଜଣେ ଧୁରୀଣ, ପ୍ରବୀଣ ଆଇନଜ୍ଞ ଓ ଉଚ୍ଚ ନ୍ୟାୟାଳୟରେ ୧୯୬୧ରୁ ୧୯୬୭ ପର୍ଯ୍ୟ' ଆଡଭୋକେଟ ଜେନେରାଲ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି ସ୍ମୃତି ସଭାକୁ ପ୍ରାକ୍ତନ କେନ୍ଦ୍ରାପଡା ପୌରାଧକ୍ଷ ବରିଷ୍ଠ ଆଇନଜୀବୀ ଧିରେନ କୁମାର ସାହୁ ସଂଯୋଜନା କରିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାନେତ୍ରୀ ଲିଳିତା ଦାସ, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଳୀ ସେଠୀ, ସାହିତ୍ୟିକ ଡଃବାସୁଦେବ ଦାସ, ଆଇନଜୀବୀ ଚନ୍ଦ୍ରଭାନୁ ବରାଳ, ଅକ୍ଷୟ କୁମାର ନାଥ, ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂହ, ବଳଦେବ ପ୍ରସାଦ ସାମନ୍ତରାୟ, ଆଶିଷ ସେନାପତି, କାର୍ତ୍ତିକ ନାୟକ, ପ୍ରଦୀପ୍ତ ମହାଁ, ଗୁରୁଚରଣ ପଡିଆରୀ, ହିରଣ୍ୟ ପଣ୍ଡା, ଅକମଲ ଅଲ୍ଲୀ, ମୁକ୍ତାର ଖାଁ, ପ୍ରଭାଶିଷ ପଣ୍ଡା, ଯଯାତୀ ମହାନ୍ତି, ପ୍ରଦୀପ କୁମାର ନାୟକ, ରମେଶ ଦାସ, ଶୁକଦେବ ସାହୁ, ଶୁକଦେବ ଦାସ, ଭରତ ସାହୁ, କୁଳମଣି ନାୟକ,ଶରତ ବେହୁରା, ସେକ ଚନ୍ଦନ, ବିଜୟ ପତି, ଉମେସ ଚନ୍ଦ୍ର ସାହୁ, ନାରାୟଣ ସାହୁ, ଗୋଲଖ ପଢିଆରୀ, ବଂଶୀଧର ମହାନ୍ତି, ସମ୍ବିତ ଶ୍ରୀଚନ୍ଦନ, ଅସିତବନ୍ଧୁ ଧଳ, ସିରାଜ ଖାଁ, ବିଧୁଭୂଷଣ ମହାପାତ୍ର, ଭବାନୀ ବାରିକ, ଶାନ୍ତିସ୍ୱରୂପ ଭୂୟାଁ, ହାଡିବନ୍ଧୁ ସିଂହ, ରେବତୀରମଣ ଦାସ, ମୀର ମୁରସିଦ, ବିଦ୍ୟୁତ୍ରନ ନାୟକ, ମହେନ୍ଦ୍ର ମିଶ୍ର, ରାଜକିଶୋର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ଦାସ ଓ ରନ ଦାସ ସହଯୋଗ କରିଥିଲେ। ଶେଷରେ ଯୁବ ସମାଜସେବୀ ରାଜେଶ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲଟିଲା ତୀର୍ଥଯାତ୍ରୀ ବସ୍; ୪ ମୃତ, ୩୦ ଆହତ



**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଓଲଟି ପଡ଼ିବା ଫଳରେ ୪ରି ଜଣଙ୍କ ମୃତ୍ୟୁ ଘଟିଛି । ଏଥିସହ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଗୁଜରାଟର ଦନ୍ତା ନିକଟସ୍ଥ ତ୍ରିଶୂଳିଆ ନିକଟରେ ଏହି ଦୁର୍ଘଟଣା ଘଟିଛି । ସୂଚନା ଅନୁସାରେ, ଏକ ଘରୋଇ ବସ୍ ବଣାସକାଣ୍ଠ ଅଞ୍ଚଳର କିଛି ଯାତ୍ରୀଙ୍କୁ ନେଇ ଅମ୍ବାଜୀ ମନ୍ଦିର ଅଭିମୁଖେ ଯାଉଥିଲା । ଏମାନେ ସମସ୍ତେ ଅମ୍ବାଜୀ ମନ୍ଦିର ପରିଦର୍ଶନ ପାଇଁ ଯାଉଥିଲେ । ମାତ୍ର ଦନ୍ତା ନିକଟରେ ବସଟି ଓଲଟି ପଡ଼ିଥିଲା । ଅଧିକାରୀମାନେ କହିଛନ୍ତି ଯେ, ଦୁର୍ଘଟଣାସ୍ଥଳରେ ପୁଲିସ ଏବଂ ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ଦୁର୍ଘଟଣା ଘଟିଥିବା ରାସ୍ତା ଘାଟି ଅଞ୍ଚଳର । ମାତ୍ର ବସଟି ଘାଟିରୁ ନ ପଡ଼ିବାରୁ ଯାତ୍ରୀମାନେ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛନ୍ତି । ନହେଲେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତେ ବୋଲି ଅଧିକାରୀମାନେ କହିଛନ୍ତି । ତେବେ ବ୍ରେକ୍ ଫେଲ୍ ହେବା କାରଣରୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି ।

## ପଶ୍ଚିମବଙ୍ଗ ବୀରଭୂମ କୋଇଲା ଖଣିରେ ବିସ୍ଫୋରଣ, ୭ ଶ୍ରମିକ ମୃତ

**କୋଲକାତା,୭।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୭ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ବିସ୍ଫୋରଣର କାରଣ କ'ଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ । ସ୍ଥାନୀୟ ପ୍ରଶାସନ ଓ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଅନେକ ଲୋକ କୋଇଲା ଓ ମାଟିଗଦା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ଏବଂ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି । ଏହି ଘଟଣା ସମ୍ପର୍କରେ ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ସେମାନେ ସମ୍ଭାବ୍ୟ କାରଣ ଅନୁସନ୍ଧାନ କରୁଛନ୍ତି । ଦୁର୍ଘଟଣା ସମ୍ପର୍କରେ ଖଣିରେ କାମ କରୁଥିବା ଶ୍ରମିକଙ୍କ ପରିବାରକୁ ଅବଗତ କରାଯାଉଛି । ଜିଲ୍ଲାର ସ୍ଥାନୀୟ ପ୍ରଶାସନ ଓ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଅନେକ ଲୋକ



କୋଇଲା ଓ ମାଟିଗଦା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ଏବଂ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି । ଏଭଳି ଅଭାବନୀୟ ଘଟଣା ଘଟିଛି ବୀରଭୂମ ଜିଲ୍ଲା ଖୋରାଶୋଲ ବ୍ଲକଲୋକପୁର ଥାନା ଅନ୍ତର୍ଗତ ଭଦ୍ରୁଲିଆ ଗାଁରେ । ଖ୍ରାବୁଲିଆର ଗଙ୍ଗାରାମଚକ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍ କୋଲିଅରି (ଜିଏମ୍‌ପିଏଲ)ରେ ସୋମବାର କୋଇଲା ଖଣି ସମୟରେ ବିସ୍ଫୋରଣ ଘଟିଛି । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଶ୍ରମିକଙ୍କ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଥିଲା । କୋଇଲା ଖଣିରେ ଅବହେଳା ଯୋଗୁଁ ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ଖବର ପାଇ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଭର୍ତ୍ତି କରିଛି ।

## ଲାଲୁ ପ୍ରସାଦଙ୍କ ପରିବାରକୁ ମିଳିଲା ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** ଆରଜେଡି ସୁପ୍ରିମୋ ତଥା ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ମିଳିଲା ବଡ଼ ଆଶ୍ୱସ୍ତି । ରେଳରେ ଚାକିରି ବଦଳରେ ଜମି ଦୁର୍ନୀତି ମାମଲାରେ ଲାଲୁଙ୍କ ପରିବାରକୁ ମିଳିଛି ଜାମିନ । ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ ଓ ତେଜ ପ୍ରତାପ ଯାଦବଙ୍କ ସମେତ ୯ ଜଣଙ୍କୁ ଦିଲ୍ଲୀ ରାଉସ୍ ଆଭେନ୍ୟୁ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ରେଳରେ ଚାକିରି ବଦଳରେ ଜମି ଦୁର୍ନୀତି ମାମଲାରେ ଆଜି ସକାଳୁ ଲାଲୁଙ୍କ ପୂରା ପରିବାର କୋର୍ଟରେ ହାଜର ହୋଇଥିଲା । ବର୍ତ୍ତମାନ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବେଳେ ସମସ୍ତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ବ୍ୟକ୍ତିଗତ ବଣ୍ଡରେ ଜାମିନ ପ୍ରଦାନ କରାଯାଇଛି । ଏହାସହିତ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ସେମାନଙ୍କ ପାସପୋର୍ଟ ଦାଖଲ କରିବାକୁ କହିଛନ୍ତି । ବିନା ଅନୁମତିରେ କେହି ଦେଶ ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସମସ୍ତଙ୍କୁ ରସିଦରେ ଏକ କପି ଦେବାକୁ କୁହାଯାଇଛି । ଏହି ମାମଲାରେ ତେଜ ପ୍ରତାପ ଯାଦବ ପ୍ରଥମ ଥର ପାଇଁ କୋର୍ଟରେ ହାଜର ହୋଇଥିଲେ । ଅଗଷ୍ଟ ୬ରେ ଅଭିଯୁକ୍ତଙ୍କ ବିରୋଧରେ ଇଡି ଏକ ସପ୍ଲିମେଣ୍ଟାରୀ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ଇଡି ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟରେ ୧୧ ଜଣ ଅଭିଯୁକ୍ତଙ୍କ ନାମ ଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି । କିନ୍ତୁ କୋର୍ଟ ଇଡ଼ି କହିଥିଲା ଯେ ଲାଲୁଙ୍କ ବଡ଼ ପୁଅ ମଧ୍ୟ ଏହି ସ୍କାମରେ ଜଡିତ ଥିବା ଜଣାପଡିଛି । ଏଥିପାଇଁ ତାଙ୍କୁ ପ୍ରଥମ ଥର ହାଜର ହେବାକୁ ସମନ ଜାରି କରାଯାଇଥିଲା । ଲାଲୁ ପ୍ରସାଦ ଯାଦବ ରେଳରେ ଚାକିରି ପାଇଁ ଜମି ଦୁର୍ନୀତି ମାମଲାର ମାଷ୍ଟର ମାଇଣ୍ଡ ବୋଲି ଇଡି ନିଜ ଚାର୍ଜସିଟ କହିଥିଲା । ଏହି ଦୁର୍ନୀତିରେ ଜଡିତ ଥିବା ୪ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି ।

## ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କଲେ ସ୍ୱେଚ୍ଛାସେବୀ



**ଗଞ୍ଜାମ,(ନିପ୍ର):** ଗଞ୍ଜାମ ସହରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସାର ସପ୍ତାହେ ପରେ ପୁଲିସ ଉପସ୍ଥିତିରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି । ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି । ପ୍ରକାଶଯୋଗ୍ୟ ଯେ, ପଶ୍ଚିମବଙ୍ଗ ରାଜ୍ୟର ମାଲଦା ଜିଲାର ହବୀପୁର ଥାନା ଅନ୍ତର୍ଗତ ଦୁଲ୍ଲା କୁମାରପଡା ଗ୍ରାମର ବାଦଲ ହାଂସଦା ହାଇଦ୍ରାବାଦରେ ଶ୍ରମିକ ଭାବେ କାମ କରୁଥିଲେ । ନିଜ ଗ୍ରାମକୁ ଫେରୁଥିବାବେଳେ ଟ୍ରେନରେ ଲୁଟ୍ ଓ ଆକ୍ରମଣର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ଗଞ୍ଜାମ ସହର ତ୍ରିବେଣୀ ମଠ ଛକଠାରେ ଗତ ୨୭ତାରିଖ ଦିନ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବାବେଳେ ସେହି ଛକରେ ଗ୍ୟାରେଜ କରିଥିବା ଟିକୁ ଜେନା ଦେଖି ସ୍ଥାନୀୟ ଇକୋ ୱାରିୟର ସ୍ୱେଚ୍ଛାସେବୀମାନଙ୍କୁ ଖବର ଦେଇଥିଲେ । ଖବର ପାଇ ପ୍ରଭାତ ବିଶ୍ୱାଳ, ସମରେଶ ପ୍ରଧାନ, ଦୁର୍ଗା ମାଧବ ପାଣିଗ୍ରାହୀ, ସଞ୍ଜୟ ସ୍ୱାଇଁ, ପ୍ରଭାତ ସାହୁ, କରୁଣା ରେଡ୍ଡୀ, ବିଲୁ ବେହେରା ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ଆହତ ବ୍ୟକ୍ତିଜଣକ ନିଜର ପରିଚୟ, ଠିକଣା କହିବାକୁ ସକ୍ଷମ ହୋଇପାରି ନ ଥିଲେ । ଇତି ମଧ୍ୟରେ ହବିପୁର ଥାନା ସହ ଫୋଟୋ ପଠାଇ ଯୋଗାଯୋଗ କରିଥିଲେ ଇକୋ-ୱାରିଅର ଟିମ୍ । ଲଗାତର ଚିକିତ୍ସା ଦ୍ୱାରା ଚାରିଦିନ ପରେ ଯୁବକ ନିଜ ଗାଁର ନାମ କହିଥିଲେ ମଧ୍ୟ ଆଉ କିଛି କହିପାରି ନ ଥିଲେ । ପୁଣି ପୁଲିସ ସହ ଯୋଗାଯୋଗ ପରେ ତାଙ୍କ ପରିବାର ସହ ଯୋଗାଯୋଗ ସମ୍ଭବ ହୋଇପାରିଥିଲା । ଗୁରୁବାର ତାଙ୍କ ଶାଳକ ଶୈଳେନ୍ ମୁର୍ମୁ, ପତ୍ନୀ ସରଳା ବେସ୍ରା ଗଞ୍ଜାମରେ ପହଞ୍ଚିଥିଲେ । ପରେ ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ର, ସେକେଣ୍ଡ ଅଫିସର ସୁପ୍ରଭା ସାହୁଙ୍କ ଉପସ୍ଥିତିରେ ଏକ ସପ୍ତାହ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ବ୍ରହ୍ମପୁର ଷ୍ଟେସନରେ ଟ୍ରେନରେ ବସାଇଥିଲେ ଇକୋ-ୱାରିଅର ଟିମ୍ ।

## ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ପାଳିତ




**ଚୌଦ୍ୱାର,(ନିପ୍ର):** ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ମହିଳା ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଇତିହାସ ବିଭାଗ ପ୍ରାଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ ଅତିଥି ଭାବେ ଯୋଗଦେଇ ସମାଜର ବିକାଶ ଓ ସ୍ୱଚ୍ଛତା ରକ୍ଷାରେ ଛାତ୍ରୀ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । +୨ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସସ୍ମିତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ତନୁଶ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ ସହିତ ପ୍ଲାଷ୍ଟିକମୁକ୍ତ କରିଥିଲେ ।

## ଆଶାକର୍ମୀ ସଙ୍ଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର



**ଫୁଲବାଣୀ,(ନିପ୍ର):** ଆଶାକର୍ମୀମାନଙ୍କର ଦୀର୍ଘ ଦିନର ଦାବୀ ପୂରଣ ହୋଇ ପାରି ନାହିଁ । ତେଣୁ ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଛଅଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ଆସନ୍ତା ୧୪ ତାରିଖ ସୁଦ୍ଧା ଦାବୀ ଗୁଡିକ ପୂରଣ ନ ହେଲେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଙ୍ଘ କହିଛି । ଜାତୀୟ ସ୍ୱାସ୍ଥ୍ୟ ମିଶାଣକୁ ସ୍ଥାୟୀ କରିବା, ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା ଏବଂ ସରକାରୀ ମାନ୍ୟତା ଦିଆଯିବା ପର୍ଯ୍ୟନ୍ତ ୧୮, ୦୦୦ ଟଙ୍କା ପ୍ରଦାନ କରିବା ପାଇଁ ସଙ୍ଘ ଦାବୀ କରିଛି । ସେହିଭଳି ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସରପ୍ରାପ୍ତ ଆଶାକର୍ମୀଙ୍କୁ ୫ ଲକ୍ଷ ଟଙ୍କା ସହିତ ମାସିକ ୫ ହଜାଇ ପେନସନ ଦେବା ଓ ସବୁ ଗ୍ରାମରେ ଆଶାଗୃହ ନିର୍ମାଣ କରିବା ପାଇଁ ସଙ୍ଘ ପକ୍ଷରୁ ଦାବୀ ରଖାଯାଇଛି । ଆଜି ଶତାଧିକ ଆଶାକର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ଦାବୀପତ୍ର ପ୍ରଦାନ କରିଥିଲେ ।

# ଶକ୍ତି ପୀଠରେ ନବରାତ୍ର ପୂଜା ଆରମ୍ଭ

**ପାତ୍ରପୁର,(ନିପ୍ର):** ପାତ୍ରପୁର ବ୍ଲକର ଦୁଇ ଶକ୍ତିପୀଠ ମା' କୁଠାରୀଶ୍ୱରୀ ଓ କୁରେଇସୁଣି ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ପାତ୍ରପୁର ଗ୍ରାମରେ ଅଧିଷ୍ଠିତ ଦେବୀ କୁଠାରୀଶ୍ୱରୀଙ୍କ ୫୮ତମ ନବରାତ୍ରୀ ପୂଜା ପାଇଁ ଗତକାଲି ସନ୍ଧ୍ୟାରେ ବିଲ୍ୟ ଅଧିବାସ ଦେବତା ଆମନ୍ତ୍ରଣ ହୋଇଥିଲା । ଆଜି କଳ୍ପ ପୂଜା କରାଯିବ ସହ ଅନ୍ୟାନ୍ୟ କାର୍ଯ୍ୟ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପୂଜା ପାଇଁ ମାଆଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି । ଗ୍ରାମ ତଥା ପଡ଼ୋଶୀ ଆନ୍ଧ୍ର ଏବଂ ଅଂଚଳର ବହୁ ଭକ୍ତ ମାଆଙ୍କ ଦର୍ଶନ ସହ ପୂଜା ପାଠ କରିବା ପାଇଁ ରୁଣ୍ଡ ହେଉଥିବା ଜଣାଯାଇଛି । ଆସନ୍ତା ୧୦ ତାରିଖ ଅର୍ଦ୍ଧ ରାତ୍ରିରେ ପୀଠ ଦେବୀଙ୍କ ମହାଷ୍ଟମୀ ପୂଜା ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ସେହିପରି ଅନ୍ୟତମ ପ୍ରସିଦ୍ଧ ଦେବୀ ପୀଠ ତୁରିବୁଡି ପଞ୍ଚାୟତର ନୂଆଁଗଡ଼ ଗ୍ରାମରେ ଥିବା କୁରେଇସୁଣି ଠାରେ ଗତରାତ୍ର ପବିତ୍ର ବାହୁଦା ନଦୀରୁ ପୂଜା ପାଠ କରି ଚାଙ୍ଗୁଡ଼ିରେ ବାଲି ସଂଗ୍ରହ କରାଯାଇଥିଲା । ଆଜି ଦୁଇଟି ବାଉଁଶ ଘଷି ସେଥିରୁ ଅଗ୍ନି ବାହାର କରି ସେହି ଅଗ୍ନିରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ । ପଞ୍ଚମୀ ତିଥିରେ ମୁଗ କୋଳଥ ଧାନ ବିରି ପ୍ରଭୃତିକୁ ତତଲା




କଡେଇରେ ଭାଜି ପୂର୍ବରୁ ନଦୀରୁ ଅଣାଯାଇ ଚାଙ୍ଗୁଡ଼ିରେ ଥିବା ବାଲିରେ ଗଜା ପକାଯିବ । ମାଆଙ୍କ ଏହି ଯାତ୍ରା ଅବସରରେ ନିଆଁରେ ଚାଲିବା, କଣ୍ଟା ଦୋଳିରେ ଝୁଲିବା ସହ ପ୍ରଭୁଙ୍କ ଖଣ୍ଡା ଗ୍ରାମ ପରିକ୍ରମା କରିବା ପରେ ବିସର୍ଜନ କରାଯିବ । ସୁରଙ୍ଗୀର ତତ୍କାଳୀନ ଜମିଦାର ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବୀ କୁରେଇସୁଣିଙ୍କ ମହିମା ଅପାର ବୋଲି ପ୍ରବାଦ ରହିଛି । ଏହି ପୀଠରେ ଅପୁତ୍ରିକ ସନ୍ତାନ ପ୍ରାପ୍ତି ହେବା ସହ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ମାନ୍ୟତା ରହିଛି । ପ୍ରତି ବର୍ଷ ଆଶ୍ୱିନ ମାସରେ ମାଆଙ୍କ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ଭିଡ ଲାଗିଥାଏ । ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରୁ ଭକ୍ତ ମାନେ ନିଜର ମାନସିକ ପୂରଣ ପାଇଁ ଏହି ପୀଠକୁ ଆସୁଛନ୍ତି । ଏହି ପୀଠକୁ ରାସ୍ତା ଘାଟ ନଥିବା ବେଳେ ପୂର୍ବରୁ ହିଂସ୍ରଜନ୍ତୁଙ୍କ ଭୟ ଲାଗି ରହୁଥିଲା । ଏପରିକି ପକ୍କା ରାସ୍ତାଟିଏ ନଥିବା ବେଳେ ପାନୀୟ ଜଳ ଏବଂ ରହିବା ସୁବିଧା ନଥିଲା । ପୀଠକୁ ଏବେ ପକ୍କା ରାସ୍ତା ବିଭିନ୍ନ ଦିଗରୁ ନିର୍ମାଣ କରାଯାଇଛି । ଗଜପତି ଜିଲ୍ଲା ମହେନ୍ଦ୍ର ଗଡକୁ ପୀଠ ଠାରୁ ନୂତନ ପ୍ରଶସ୍ତ ରାସ୍ତା ସଂଯୋଗ ହୋଇଛି । ପୀଠ ନିକଟରେ ପୁରାଣ ବର୍ଣ୍ଣିତ (ଅମରକୋଷ) ବ ।ହୁଦା ନଦୀରେ ବାଘଲଟି ଡ୍ୟାମ୍ ? ନିର୍ମାଣ ହେବ ଫଳରେ ପର୍ଯ୍ୟଟକମାନଙ୍କ ଭିଡ ବର୍ଷ ତମାମ ଲାଗି ରହୁଛି । ପର୍ଯ୍ୟଟକମାନେ ଦେବୀ ପୂଜା ସହ ଜଳଭଣ୍ଡାର ଦେଖି ବଣ ଭୋଜିର ମଜା ନେଇ ଥାଆନ୍ତି । ଏଥି ନିମନ୍ତେ ବର୍ଷର ଶୀତ ଦିନକୁ ଅପେକ୍ଷା କରି ସହସ୍ରାଧିକ ପର୍ଯ୍ୟଟକ, ସ୍କୁଲ ପିଲା ଦେବୀ ଦର୍ଶନ ସହ ବଣ ଭୋଜିର ମଜା ନେବାକୁ ଆସି ଥାଆନ୍ତି । ମନ୍ଦିର ଠାରୁ ଅଳ୍ପ ଦୂରରେ ଜଙ୍ଗଲ ରହିଛି । ପୂର୍ବରୁ ଏହି ଠାରେ ଥିବା ରାଜାଙ୍କ ଗଡର ଚିହ୍ନ ବର୍ଣ୍ଣ ହଜିଯାଇଛି । ଏବେ ପୂର୍ବରୁ ଥିବା ଗଡ଼ଖାଇର କିଛି ଅଂଶ ବାଉଁଶ ବୁଦା ଘୋଡେଇ ରହିଛି । ଏହିପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ସଡକ ପଥରେ ୬୭ କିଲୋମିଟର ଅଟେ ।ସେହିପରି ରେଳଯୋଗେ ଆସିଲେ ଆନ୍ଧ୍ର ଇଚ୍ଛାପୁର ଠାରୁ ୩୯ କିଲୋମିଟର । ପ୍ରତିବର୍ଷ ମହାଷ୍ଟମୀ ବେଳେ ପ୍ରବଳ ଭିଡ ଲାଗି ରହେ ।

## ସୀମାନ୍ତ ଗ୍ରାମର ଦୁଇ ଭଉଣୀ ହେବେ ଡାକ୍ତର, ବିମାନ ପରିଚାରିକା



**ପାତ୍ରପୁର, (ନିପ୍ର):** ଆନ୍ଧ୍ରପ୍ରଦେଶର ସୀମାନ୍ତ ପାତ୍ରପୁର ବ୍ଲକର ଦୁଇ ଭଉଣୀ ହେବେ ଡାକ୍ତର, ବିମାନ ପରିଚାରିକା । ବଡ଼ ଭଉଣୀ ବିମାନ ପରିଚାରିକା ଏବଂ ସାନ ଭଉଣୀ ଡାକ୍ତର ହେବା ଲକ୍ଷ୍ୟରେ ଆଗକୁ ବଢ଼ିବାରେ ଲାଗିଛନ୍ତି । ଏହି ଦୁଇ ଭଉଣୀ ହେଉଛନ୍ତି ପାତ୍ରପୁର ବ୍ଲକ ଗୁଡ଼ିପଦର ଗ୍ରାମର ଜେ ଭବାନୀ (୨୦)ବର୍ଷ ଏବଂ ଜେ ଶିବାନୀ (୧୮)ବର୍ଷ । ଭବାନୀ ଏବେ ବିମାନ ପରିଚାରିକା ଭାବେ ତାଲିମ ନେଉଥିବା ବେଳେ ସାନ ଭଉଣୀ ଶିବାନୀ ସର୍ବ ଭାରତୀୟ ଡାକ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଗୁଡ଼ିପଦର ଗ୍ରାମର ବାପା ଜେ ମୋହନ ଏବଂ ମାଆ ଜେ ଶ୍ରୀଦେବୀଙ୍କ ତିନି ପୁଅ ଝିଅ ମଧ୍ୟରୁ ଦୁଇ ଝିଅ ବଡ଼ ଅଟନ୍ତି । ଦୁଇ ଭଉଣୀ ସଫଳତା ପାଇଁ ଉଦ୍ୟମ ଆରମ୍ଭ କରି ଏବେ ସଫଳ ହେବା ପଞ୍ଚାୟତ ତଥା ଜିଲ୍ଲା ପାଇଁ ଗର୍ବ ଆଣିଛି । ଉଭୟ ସୀମାନ୍ତ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁରର ଏକ ବେସରକାରୀ ବିଦ୍ୟାଳୟ ଜ୍ଞାନ ଭାରତୀରେ ଅଧ୍ୟୟନ କରିଥିଲେ । ପଞ୍ଚାୟତର ଲୋକମାନେ ଚିକିତ୍ସା ପାଇଁ ସଦା ସର୍ବଦା ଆନ୍ଧ୍ର ଉପରେ ନିର୍ଭର କରୁଥିବା ଦେଖି ଡାକ୍ତର ହେବାକୁ ମନ ବଳାଇ ପାଠ ପଢୁଥିଲେ ଶିବାନୀ । ଏହା ଦେଖି ବାପା ମାଆ ଉଭୟଙ୍କୁ ବିଶାଖାପାଟଣାରେ ପାଠ ପଢିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଦୁଇ ଭଉଣୀ ଙ୍କ ନିଆରା ଉଦ୍ୟମ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇବ ।

## ଡେଙ୍ଗୁ ସଚେତନତା ଅଭିଯାନ ଅନୁଷ୍ଠିତ

**ଚୌଦ୍ୱାର,(ନିପ୍ର):** ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମରେ ଡେଙ୍ଗୁ ସଚେତନତା ଓ ଗ୍ରାମ ସଫେଇ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ରୋଟାରୀ କ୍ଲବ୍ କଟକ ଅଭିନବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର କିଶୋରୀ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ରୋଗର ଭୟାବହତା, କାରଣ ଓ ନିରାକରଣ ସମ୍ପର୍କରେ ଲୋକ ମାନଙ୍କୁ ବୁଝାଇଥିଲେ ।ଏଥି ସହିତ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ଚୌଦ୍ୱାର ଆରସିସର ମାନସ କୁମାର ସାହୁ, ଅକ୍ଷୟ ନାୟକ, ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ସରୋଜିନୀ ରାଉତ, ଅଂଗନୱାଡ଼ି କର୍ମୀ ସତ୍ୟଭାମ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜାମଦାପାଳ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣକୁ ବନ୍ଦ କଲେ ଗ୍ରାମବାସୀ

**ଝୁମ୍ପୁରା,(ନିପ୍ର):** ଝୁମ୍ପୁରା ବ୍ଲକ ଗୁମୁରା ପଞ୍ଚାୟତ ଅନ୍ତର୍ଗତ ଜାମଦାପାଳଠାରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଗୃହ ନଥିବାରୁ ସରପଞ୍ଚ ବାରମ୍ବାର ପ୍ରଶାସନକୁ ଅବଗତ କରିବା ପରେ ପ୍ରଶାସନ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି । କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣରେ ସରକାରଙ୍କ ସମସ୍ତ ନୀତି ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି କାମ କରାଯାଉଥିବାରୁ ଏହାକୁ ସ୍ଥାନୀୟ ଗ୍ରାମବାସୀ ସଂପୂର୍ଣ୍ଣ ଭାବରେ ବିରୋଧ କରିଚନ୍ତି । ଏଥିସହ ଆରମ୍ଭ ହୋଇଥିବା କାମକୁ ବନ୍ଦ କରିଦେଇଛନ୍ତି । ଗ୍ରାମବାସୀଙ୍କ ଦାବି ରହିଛି ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ପୂର୍ବରୁ କାର୍ଯ୍ୟସ୍ଥଳରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରିବା, କେଉଁ ବିଭାଗର ଅନୁଦାନ ଆସିଛି, କେତେ ଟଙ୍କା ଅନୁଦାନ ଆସିଛି, ତା'ସହିତ କି କି କାମ ହେବ ତା'ର ସଂପୂର୍ଣ୍ଣ ବିବରଣୀ କାର୍ଯ୍ୟସ୍ଥଳରେ ସୂଚନା ଫଳକ ମାଧ୍ୟମରେ ଲିପିବଦ୍ଧ କରିବା ଏବଂ ଗୃହ କାମ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିବାର ନିୟମ ରହିଛି । ବର୍ତ୍ତମାନ ସୁଦ୍ଧା ଯେତିକି କାମ ହୋଇଛି ତାହା ଅତ୍ୟନ୍ତ ନିମ୍ନ ମାନର ହୋଇଛି । ପିଲର ଉଠୁଥିବା ସ୍ଥାନରେ କାମ କରୁଥିବା ଠିକାଦାର ବାଲି ପକାଇବା ପରେ ମେଟାଲ କରିବା ପରେ ଯାଇ ପିଲର ଛିଡା କରିବା କଥା, କିନ୍ତୁ କାମ କରୁଥିବା ମିସ୍ତ୍ରୀମାନେ ବାଲି ମେଟାଲ ନ ପକାଇ ସିଧା



ସଳଖ ଗାତରେ ରଡ୍ ଦେଇ ପିଲର ଛିଡ଼ା କରି ଦେଉଥିବାରୁ ଘରର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିବାରୁ ସ୍ଥାନୀୟ ଜନସାଧାରଣ ଏକତ୍ରିତ୍ୱ ହୋଇ ଘଟଣା ସମ୍ପର୍କରେ ସରପଞ୍ଚ ତପନ କୁମାର ନାଏକଙ୍କୁ ଅବଗତ କରିଥିଲେ । ସରପଞ୍ଚ ଜନସାଧାରଣଙ୍କଠାରୁ ଖବର ପାଇ ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି କାମ ତଦାରଖ କରି ଜାଣିବାକୁ ପାଇଲେ କାମ ଅତ୍ୟନ୍ତ ନିମ୍ନ ମାନର ହେଉଛି । ଏଣୁ ସରପଞ୍ଚଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣକୁ ବନ୍ଦ କରିଛନ୍ତି । କାମ ବନ୍ଦ କରିବା ପରେ ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଜନସାଧାରଣଙ୍କ ତରଫରୁ ଝୁମ୍ପୁରା ଗୋଷ୍ଠି ଉନ୍ନୟନ ଅଧିକାରୀ, ଝୁମ୍ପୁରା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ପାଖରେ ଅଭିଯୋଗ କରିଛନ୍ତି । ଅଧିକାରୀମାନେ କାମର ଯାଞ୍ଚ କରିବା ପରେ ପୁଣିଥରେ ଭଲ ଭାବରେ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ କରାଯିବ ବୋଲି ସରପଞ୍ଚ ତପନ କୁମାର ନାଏକ, ୱାର୍ଡ ମେମ୍ବର ସାଗରୀକା ମହାକୁଡ, ଦଶରଥ ମହାକୁଡ, ଚୈତନ୍ୟ ନାଏକଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି । ଘଟଣା ସମ୍ପର୍କରେ ଗୁମୁରା ସରପଞ୍ଚ ତପନ କୁମାର ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ସେ କହନ୍ତି କାମ ଭଲ ହେଉନାହିଁ ଯଦି ଠିକାଦାର ଭଲ କାମ କରିବ ତାହେଲେ କାମ କରାଯିବ ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ପଦ୍ମପୁର,(ନିପ୍ର):** ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି - ୨୦୨୪" ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଚନ୍ଦ୍ରସେନ ଲିମାଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକ୍ ଗୋଷ୍ଠି ଶିକ୍ଷାଧିକାରୀ ହୃଷିକେଶ ରଥ ସଭାପତି, ରାଷ୍ଟ୍ରପତି ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ ମୁଖ୍ୟଅତିଥି, ପଦ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କଣ୍ଡାଗରୀ ସମ୍ମାନିତ ଅତିଥି ରୂପେ ଆସନ ଅଳଂକୃତ କରିଥିଲେ । ମୁଖ୍ୟ ଅତିଥି ମହୋଦୟ "ମାଟି ଓ ମା" ଏହି ଦୁଇଟି ଶବ୍ଦ ସମସ୍ତଙ୍କ ନିମନ୍ତେ ଅପରିହାର୍ଯ୍ୟ ।ଏହି ଦୁଇଟି ଶବ୍ଦକୁ ଛାଡି କୌଣସି ମନୁଷ୍ୟ ନିଜ ଜୀବନର ପରିକଳ୍ପନା କରିପାରିବେ ନାହିଁ । ସମ୍ମାନିତ ଅତିଥି ମତବ୍ୟକ୍ତ କରିଥିଲେ , ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମାନଂକ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବା ସହ ସେମାନଂକ ଚିନ୍ତନ ଶକ୍ତିର ବିକାଶ ହୋଇଥାଏ ବୋଲି ମତ ପୋଷଣ କରିଥିଲେ । ଶ୍ରୀ ଲିମା କହିଥିଲେ ଯେ, ଶୈକ୍ଷିକ କାର୍ଯ୍ୟକ୍ରମ ସହ ସହ-ଶୈକ୍ଷିକ କାର୍ଯ୍ୟକ୍ରମ ହେବା ଫଳରେ ଶିକ୍ଷାର୍ଥି ମାନଂକର ମନୋବଳ ଦୃଢ ହୋଇଥାଏ ଏବଂ ସେମାନେ ଭବିଷ୍ୟତରେ ନିଜକୁ ସମାଜରେ ପ୍ରତିଷ୍ଠା ଲାଭ କରିପାରିଥାନ୍ତି । ଏକ ବର୍ଣ୍ଣାଢ଼ମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଆକର୍ଷଣ ଥିଲା ଓଡ଼ିଶାର ଲୋକକଳାରେ ସଜ୍ଜିତ ହୋଇଥିବା ମଞ୍ଚ । ମଞ୍ଚ ଉପରେ ସଜ୍ଜିତ ହୋଇଥିବା ବିଭିନ୍ନ ଲୋକକଳାର ନିଦର୍ଶନ ସମସ୍ତଂକ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ତଂକ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ବ୍ଲକର କଳା ଶିକ୍ଷକ ଡି ଶିବା ଆଚାରୀ, ମହେନ୍ଦ୍ର ମହାପାତ୍ର ଏବଂ ଟୁରିଜିମ ଶିକ୍ଷକ ରଂଜିତ କୁମାର ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମା ଏବଂ ଲେଖା ମଞ୍ଚକୁ ଏକ ନୂଆ ଦିଗ ଦର୍ଶନ ଦେଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାର ସୋନାକ୍ଷୀ ବେହେରାଙ୍କ ଓଡିଶୀ ନୃତ୍ୟ ସମସ୍ତକୁ ମୋହିତ କରିଥିଲା । ବ୍ଲକ୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରାୟ ୧୨୦ ଜଣ ଶିକ୍ଷାର୍ଥୀ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ ।

# ଜିମ୍ନାଷ୍ଟିକ୍ସକୁ ଅଲ୍‌ବିଦା କହିଲେ ଦୀପା କର୍ମକାର



ଅଗରତାଳା,୭।୧୦: ଭାରତର ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମକାର ସୋମବାର ସନ୍ୟାସ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ସୋସିଆଲ ମିଡିଆରେ ସୂଚିତ କରିଛନ୍ତି। ଏଥି ପାଇଁ ଦୀପା ଏକ ଦୀର୍ଘ ପୋଷ୍ଟ ଲେଖିଛନ୍ତି ସେ ଲେଖିଛନ୍ତି ଯେ ଏହା ବେଶ୍ କଷ୍ଟକର, ଅନେକ ଚିନ୍ତା କରିବା ପରେ ଏହି ନିଷ୍ପ□ ନେଇଛି। ଦୀପା ତାଙ୍କ ସନ୍ୟାସର କାରଣ ସମ୍ପର୍କରେ ମଧ୍ୟ ସୂଚିତ କରିଛନ୍ତି ଏଥି ପାଇଁ ଲେଖିଥିବା ପତ୍ରରେ ଏବେ ଶାରୀରିକ ସ୍ଥିତି ଆଉ ଆଗପରି ନଥିବା କହିଛନ୍ତି ।

୩୧ ବର୍ଷୀୟା ଦୀପା ଯେଉଁ ଲେଟର ସେୟାର କରିଛନ୍ତି ସେଥିରେ ସେ ତାଙ୍କ ବାଲ୍ୟ ସ୍ମୃତି ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଜିମ୍ନାଷ୍ଟିକ ମୋ ଜୀବନର ସବୁଠୁ ବଡ଼ ଅଂଶ ହୋଇ ରହି ଆସିଛି। ମୋତେ ସେହି ୫ ବର୍ଷର ଦୀପା କଥା ମନେ ପଡୁଛି, ଯାହାର ଚେପଟା ପାଦ ପାଇଁ ସେ କେବେବି ଜିମ୍ନାଷ୍ଟ ହୋଇ ପାରିବେନି ବୋଲି ତାଙ୍କୁ କୁହାଯାଇଥିଲା।ହେଲେ ଆଜି ମୁଁ ଆଚିଭମେଣ୍ଟ ଦେଖି ବେଶ୍ ଗର୍ବିତ। ଦୀପା କର୍ମକାର ଏହି ପତ୍ରରେ ତାଙ୍କ ସନ୍ୟାସ ଘୋଷଣାର କାରଣ ମଧ୍ୟ ଜଣାଇଛନ୍ତି।

ସେ ଲେଖିଛନ୍ତି ଯେ ମୋ ଜୀବନର ଶେଷ ବିଜୟ ଏସିୟାନ ଜିମ୍ନାଷ୍ଟିକ୍ ଚାମ୍ପିୟନସିପ ତାସକେଣ୍ଟ ଥିଲା। ସେତେବେଳେ ମୁଁ ଅନୁଭବ କରିଥିଲି। ବଡିକୁ ଆହୁରି ପୁସ୍ କରାଯାଇ ପାରିଥାନ୍ତା। ହେଲେ କେବେ କେବେ ଆମ ଶରୀର ଏହା ଆରାମ କରିବାର ସମୟ ବୋଲି ସୂଚିତ କରିଥାଏ। କିନ୍ତୁ ମନ ଏବେବି ମାନୁନି।

ଦୀପା ଭାରତ ପାଇଁ ଅନେକ ମେଡାଲ ଜିତିଛନ୍ତି ସେ ଏସିୟାନ ଚାମ୍ପିୟନସିପ୍ ୨୦୨୪ରେ ଗୋଲ୍ଡ ମେଡାଲ ଜିତିଛନ୍ତି। ତେବେ ଏହା ପୂର୍ବରୁ ୨୦୧୫ ମସିହାରେ ସେ ବ୍ରୋଞ୍ଜ ମେଡାଲ ପାଇଥିଲେ। ଦୀପା ୨୦୧୪ କମନଲେଥ ଗେମରେ ମଧ୍ୟ ବ୍ରୋଞ୍ଜ ମେଡାଲ ଜିତିଥିଲେ। ସେ ୨୦୧୮ ୱାର୍ଲଡ କପରେ ଗୋଲ୍ଡ ମେଡାଲ ଜିତିଥିବା ବେଳେ ସେହି ବର୍ଷ ବ୍ରୋଞ୍ଜ ମେଡାଲ ମଧ୍ୟ ପାଇଥିଲେ। ଦୀର୍ଘ ୨୫ ବର୍ଷ ଧରି ତାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଥିବା ତାଙ୍କର ପ୍ରଶିକ୍ଷକ ବିଶେଶ୍ବର ନନ୍ଦି ଏବଂ ସୋମା ନନ୍ଦୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଦୀପା କର୍ମାକର ସେ ତ୍ରିପୁରା ସରକାର, ଜିମ୍ନାଷ୍ଟିକ ଫେଡେରେସନ, ଭାରତ ସରକାର ଏବଂ ତାଙ୍କ ପରିବାରକୁ ସମସ୍ତ ପ୍ରକାର ସମର୍ଥନ ଦେଇଥିବାରୁ ଧନ୍ୟବାଦ ଦେଇଛନ୍ତି। ଦୀପା ହେଉଛନ୍ତି ପ୍ରଥମ ଭାରତୀୟ ଯିଏ ଅଲମ୍ପିକର ଜିମ୍ନାଷ୍ଟିକରେ ଅଂଶ ଗ୍ରହଣ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ

# କ୍ରିକେଟ ମୈଦାନରେ ସିଏମ୍ ଯୋଗୀ

ନୂଆଦିଲ୍ଲୀ,୭।୧୦: ଉ□ରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜନୀତି ମୈଦାନରୁ ସିଧାସଳଖ ମାରିଛନ୍ତି କ୍ରିକେଟ ମୈଦାନରେ ଏଣ୍ଟ୍ରି ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ କ୍ରିକେଟ୍ ଖେଳୁଥିବାର ନଜର ଆସିଥିଲେ। ଦୁଇଟି ବଲରେ ମାରିଥିଲେ ଚମତ୍କାର ସଟ୍ ଭାଇରାଲ ହେଉଛି ତାଙ୍କ କ୍ରିକେଟ ଖେଳୁଥିବାର ଭିଡିଓ ।



ସୂଚନା ଥାଉକି, ୩୬ ତମ ଅଲ ଇଣ୍ଡିଆ। ଆଡଭୋକେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଘାଟନ ପାଇଁ ସିଏମ୍ ଯୋଗୀ ଏକାନା ଷ୍ଟାଡିୟମରେ ଯାଇଥିଲେ। ଏହି ଅବସରରେ ସିଏମ୍ ଯୋଗୀ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଓକିଲମାନଙ୍କୁ କ୍ରୀଡ଼ାରେ ଦଳ ଆତ୍ମାର ଗୁରୁତ୍ୱ ବିଷୟରେ ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ କ୍ରୀଡା ଆମ ସମସ୍ତଙ୍କୁ ଏକ ଦଳ ଆତ୍ମା ସହିତ କାମ କରିବାକୁ ପ୍ରେରଣା ଯୋଗାଏ ।

ଏହା ଆମର ପାରିବାରିକ ଜୀବନ ହେଉ କିମ୍ବା ସାଧାରଣ ଜୀବନ ସେ କହିଛନ୍ତି ଯେ ଯଦି ଆମର ଦଳଗତ କାର୍ଯ୍ୟ କରିବାର କ୍ଷମତା ଥାଏ ତେବେ ଆମର ସଫଳତାର ସମ୍ଭାବନା ଅଧିକ ହୋଇଯାଏ ସର୍ବପ୍ରଥମେ, କ୍ରୀଡା ଆମ ସମସ୍ତଙ୍କୁ ଏକ ଦଳଗତ ଆତ୍ମା ସହିତ ଅଦ୍ଭୁତ ତଥା ପରିସ୍ଥିତିରେ ଲଢିବାକୁ ଏକ ନୂତନ ପ୍ରେରଣା ଦେଇଥାଏ। ସେ କହିଛନ୍ତି ଯେ ପ୍ରତ୍ୟେକ ବିଜୟ ଆମକୁ ଆଗକୁ ବଢିବାକୁ ଉତ୍ସାହିତ କରେ। କିନ୍ତୁ ପ୍ରତ୍ୟେକ ପରାଜୟ ମଧ୍ୟ ଆମ ସାମ୍ନାରେ ଏକ ନୂତନ ଶିକ୍ଷା ଅଟେ। ଆମକୁ ନୂତନ ପ୍ରେରଣା ସହିତ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥାଏ। ଏହି କାର୍ଯ୍ୟକ୍ରମରେ ସିଏମ୍ ଯୋଗୀ ପ୍ରତିଯୋଗିତାରେ ପୁରସ୍କୃତ ହେବାକୁ ଥିବା ଟ୍ରଫିକୁ ମଧ୍ୟ ଉନ୍ମୋଚନ କରିଥିଲେ। ସେ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳର ଅଧିନାୟକଙ୍କ ସହ ଏକ ଗ୍ରୁପ୍ ଫଟୋ ସୁଟ୍ ମଧ୍ୟ କରିଥିଲେ ଏବଂ ସେମାନଙ୍କୁ କିଟ୍ ବଣ୍ଟନ କରିଥିଲେ।

# ଭାରତର ଗସ୍ତ ନେଇ ଆଶା ଛାଡିନି ପିସିବି



ନୂଆଦିଲ୍ଲୀ: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳ ପାକିସ୍ତାନ ଯିବ କି ନାହିଁ ତାହା ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ହେଲେ ପାକିସ୍ତାନ କ୍ରିକେଟ୍ ବୋର୍ଡର ପ୍ରମୁଖ ମୋହସିନ ନକଭିଙ୍କୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଭାରତ ସହିତ ସମସ୍ତ ଦଳ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଆସିବେ। ଉଲ୍ଲେଖନୀୟ ରାଜନୈତିକ ପ୍ରସଙ୍ଗ କାରଣରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘ ବର୍ଷ ହେବ ଦ୍ୱିପାକ୍ଷିକ ସିରିଜ୍ ଖେଳା ଯାଇ ନାହିଁ। କେବଳ ଆଇସିସି ଓ ଏସୀୟ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ମୁହାଁମୁହିଁ ହେଉଛନ୍ତି। ଏବେ ପାକିସ୍ତାନ ପାଖରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନର ଅଧିକାର ରହିଛି ତେଣୁ ଭାରତୀୟ ଦଳ ପାକିସ୍ତାନ ଯିବା ନେଇ ସନ୍ଦେହ ଉପୁଜିଛି।ଗତ ଥର ପାକିସ୍ତାନରେ ଏସିଆ କପ୍ ୨୦୨୩ ଆୟୋଜନ ହୋଇଥିଲା। ମାତ୍ର ଭାରତୀୟ ଦଳ ପାକିସ୍ତାନ ନ ଯିବାରୁ ହାଇବ୍ରିଡ ମୋଡେଲ୍ ଆଧାରରେ ଟୁର୍ଣ୍ଣାମେଣ୍ଟ ଖେଳା ଯାଇଥିଲା।ଏଥର ବି ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ହାଇବ୍ରିଡ ମୋଡେଲ୍ ଆଧାରରେ କରାଯାଇପାରେ। କିନ୍ତୁ ପାକିସ୍ତାନ ଏଥିପାଇଁ ରାଜି ନୁହେଁ।

ଲାହୋରରେ ଗଦାଫି ଷ୍ଟାଡିୟମରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ନକଭି ଚାମ୍ପିଅନ୍ସ ଟ୍ରଫି ପାଇଂ ଷ୍ଟାଡିୟମର ପ୍ରସ୍ତୁତି ଓ ନବୀକରଣ କାର୍ଯ୍ୟ ବିଷୟରେ ସୂଚନା ଦେଇଛନ୍ତି। ଏହି ସମୟରେ ପିସିବି ଅଧକ୍ଷଙ୍କୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳର ଭାଗିଦାରୀ ଉପରେ ପ୍ରଶ୍ନ ହୋଇଥିଲା । ସେ କହିଛନ୍ତି, ଭାରତୀୟ ଦଳ ଉପରେ ମୋର ପୂର୍ଣ୍ଣ ଆଶା ରହିଛି। ଏ ପର୍ଯ୍ୟନ୍ତ ସେମିତି କିଛି ଘଟି ନାହିଁ ଯେଉଁ କାରଣରୁ ଭାରତୀୟ ଦଳ ପାକିସ୍ତାନ ଗସ୍ତ ବାତିଲ କରିବ। ଅନ୍ୟଥା ସମସ୍ତ ଦଳ ଚାମ୍ପିଅନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଆସିବେ। କଣ ଆଇସିସି ଅଧକ୍ଷ ଭାବେ ଜୟ ଶାହଙ୍କ ପାକିସ୍ତାନ ଗସ୍ତ ବେଳେ ତାଙ୍କ ସହ ଭେଟିବା ପାଇଁ ଉତ୍ସୁକ ନକଭି କହିଛନ୍ତି, ଏ ପର୍ଯ୍ୟନ୍ତ ତାଙ୍କ ବୈଠକର କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇ ନାହିଁ।

# ମସୁଦ ଓ ସଫିକ୍‌ଙ୍କ ଶତକ, ପାକିସ୍ତାନ ୪/୩୨୮

ମୁଲତାନ,୭।୧୦: ପାକିସ୍ତାନ ଟେଷ୍ଟ ଟିମର ଅଧିନାୟକ ଶାନ ମସୁଦ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି।ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ସେ ଦମଦାର ଶତକ ହାସଲ କରିଛନ୍ତି। ବାଂଲାଦେଶ ଠାରୁ ୦-୨ ହାରି ଚାପରେ ରହିଥିବା ଶାନ ଆଜି ମୁଲତାନ ମାଟିରେ ନିଜର ଦମ ଦେଖାଇଛନ୍ତି।



ସେ ମାତ୍ର ୧୦୨ ବଲରେ ଶତକ ହାସଲ କରି ଇଂଲଣ୍ଡ ବୋଲରଙ୍କୁ ଘାଇଲା କରିଛନ୍ତି ମୁଲତାନ କ୍ରିକେଟ ଷ୍ଟାଡିୟମର ପିଚ୍ ସାଧାରଣତଃ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଶାନ ଏହାର ଜବରଦସ୍ତ ଫାଇଦା ଉଠାଇ ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି।

ସେ ୧୫୧ ରନ ଇନିଂସ ଖେଳି ଆଉଟ ହୋଇଥିବା ବେଳେ ପାକିସ୍ତାନ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ଓ୍ୱିକେଟ ହରାଇ ୩୨୮ ରନ କରି ନେଇଛି ତାଙ୍କ ବ୍ୟତୀତ ଅବଦୁଲ୍ଲା ସଫିକ୍ୟୁ ମଧ୍ୟ ୧୦୨ ରନର ଇନିଂସ ଖେଳିଛନ୍ତି ତେବେ ପୂର୍ବତନ ଅଧିନାୟକ ବାବର ଆଜମ କେବଳ ୩୦ ରନ କରିବାକୁ ସକ୍ଷମ ହୋଇଛନ୍ତି

ଶାନ ଆଜି ଶତକ ହାସଲ କରିବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ଅଧିନାୟକ ଭାବେ ଶାନଙ୍କ ପ୍ରଥମ ଟେଷ୍ଟ ଶତକ ମୁଲତାନରେ ସେ ୧୫୧ ରନର ଇନିଂସ ଖେଳି ୧୫୨୪ ଦିନ ଧରି ଧଳା ଜର୍ସିରେ ଜାରି ରହିଥିବା ଶତକ ମରୁଡ଼ିକୁ ଶେଷ କରିଛନ୍ତି।

ସେହିପରି ବାବର ଆଜମ ଓ ଇଞ୍ଜିମାମ ଉଲ ହକଙ୍କ ପରେ ଶାନ ତୃତୀୟ ପାକ ଅଧିନାୟକ ଭାବେ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ଗତ ମାସରେ ପାକିସ୍ତାନ ୦-୨ରେ ବାଂଲାଦେଶଠାରୁ ହାରିବା ପରେ ତୀବ୍ର ସମାଲୋଚନାର ଶିକାର ହୋଇଥିଲା। ପ୍ରେସ କନଫରେନ୍ସରେ ଶାନ ମସୁଦଙ୍କ ଜଣେ ସାମ୍ବାଦିକଙ୍କ ଯୁକ୍ତିତର୍କ ବି ହୋଇଥିଲା। ତେବେ ସେ ସବୁ ଭୁଲି ଆଜି ଠାରୁ ପାକିସ୍ତାନ ଘରୋଇ ମାଟିରେ ଇଂଲଣ୍ଡ ସହ ଲଢ଼େଇ ଆରମ୍ଭ କରିଛି।

ମ୍ୟାଚ୍‌ର ୪ର୍ଥ ଓଭରରେ ପାକିସ୍ତାନ ଓପନର ସାମି ଆୟୁବ(୪)ଙ୍କୁ ହରାଇଥିଲା। କିନ୍ତୁ ଏହାପରେ ଶାନ ଓ ଅବଦୁଲ୍ଲା ୨୦୦ରୁ ଅଧିକ ରନର ଭାଗିଦାରୀ କରି ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଉଭୟ ଇଂଲଣ୍ଡ ବିପକ୍ଷରେ ଶତକ ମଧ୍ୟ ହାସଲ କରିଥିଲେ ।

# ଭଲିବଲ୍‌ରେ କିସ୍‌ର ନୂଆ ଗିନିଜ୍ ବିଶ୍ୱ ରେକର୍ଡ



ଭୁବନେଶ୍ୱର, ୭।୧୦: ପୁରୁଣା ଗିନିଜ ବିଶ୍ୱ ରେକର୍ଡକୁ ଭାଙ୍ଗିଛି କିସ୍। ନିକଟରେ ଅନୁଷ୍ଠିତ ହୋଇଯାଇଥିବା କିସ୍ ଭଲିବଲ୍ ମହୋତ୍ସବରେ କିସ୍ ଏହି ରେକର୍ଡ ଭାଙ୍ଗିଛି। ଭଲିବଲ୍ ମହୋତ୍ସବ ଅବସରରେ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ୍‌ରେ ୪୩୦ ଖେଳାଳି ଦୀର୍ଘ ୮ଘଣ୍ଟା ଧରି ଗୋଟିଏ ମ୍ୟାଚ୍ ଖେଳି ମୋଟ ୭୩୬-୭୫୬ ପଏଣ୍ଟ ସ୍କୋର ସହ ଏହି ରେକର୍ଡ କରିଛନ୍ତି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ (ଏଫ୍‌ଆଇଭିବି)ର ମିଳିତ ଉଦ୍ୟମରେ ଏହି ରେକର୍ଡ ସମ୍ଭବ ହୋଇପାରିଛି। ପୂର୍ବରୁ ୨୦୧୧ରେ ଫ୍ରାନ୍ସରେ ଏହିପରି ଏକ ପ୍ରୟାସ କରାଯାଇଥିଲା। ଏହି ମ୍ୟାଚ୍‌ରେ ୨୯୪ ଖେଳାଳି ଅଂଶ ଗ୍ରହଣ କରି ସେତେବେଳେ ଏକ ବିଶ୍ୱ ରେକର୍ଡ କରିଥିଲେ। ଏହି ରେକର୍ଡକୁ କିସ୍ ଭାଙ୍ଗିବାରେ ସକ୍ଷମ ହୋଇଛି।

ସୂଚନାଯୋଗ୍ୟ, 'କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବ'ରେ ସମଗ୍ର ଭାରତରୁ ୫ହଜାର ଛାତ୍ରଛାତ୍ରୀ ଖେଳାଳି ଭାବେ ଅଂଶଗ୍ରହଣ କରିଥିବା ବେଳେ ଗ୍ୟାଲେରୀରେ ୪୦ ହଜାର ଦର୍ଶକ ଏହାର ମଜା ନେଇଥିଲେ। କିସ୍ ଭଲିବଲ୍ କ୍ରୀଡ଼ା ମହୋତ୍ସବରେ ମୋଟ ୬୦ଟି ଆଉଟ୍‌ଡୋର କୋର୍ଟ ଓ ବିଭିନ୍ନ ଇନ୍‌ଡୋର ଭେନ୍ୟୁରେ ଖେଳାଳିମାନେ ମ୍ୟାଚ୍ ଖେଳିଥିଲେ। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଏଫ୍‌ଆଇଭିବି ଓ ଏହାର ସଭାପତି ଆରି ଗ୍ରାସାଙ୍କୁ ଧନ୍ୟବାଦ ଦେବା ସହ ଏହି ରେକର୍ଡ ସବୁଦିନ ପାଇଁ କିସ୍ ଓ ଓଡ଼ିଶା ନାଁରେ ରହିଗଲା ବୋଲି କହିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଏହା କିସ୍ ଓ ଓଡ଼ିଶା ପାଇଁ ପ୍ରଥମ ଗିନିଜ୍ ବିଶ୍ୱ ରେକର୍ଡ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

# ସର୍ବଭାରତୀୟ ରେଲୱେ ବକ୍ସିଂ ଚାମ୍ପିଅନସିପରେ ପୂର୍ବତଟ ରେଳପଥର ସଫଳତା

ଭୁବନେଶ୍ୱର,୭।୧୦:ନିକଟରେ ଶେଷ ହୋଇଥିବା ସର୍ବଭାରତୀୟ ରେଲୱେ ବକ୍ସିଂ ଚାମ୍ପିଅନସିପରେ ପୂର୍ବତଟ ରେଳପଥ ଚାରିଟି ସମ୍ମାନଜନକ ପଦକ ହାସଲ କରି ତାରକା ପ୍ରଦର୍ଶନ କରିଥିଲା ପୁରୁଷ ଦଳ ଦୁଇଟି ରୌପ୍ୟ ପଦକ ଜିତିଥିବାବେଳେ ମହିଳା ଦଳ ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରି ଜାତୀୟ ସ୍ତରରେ ସେମାନଙ୍କର ଆଭିମୁଖ୍ୟ ଏବଂ ନିଷ୍ଠା ପ୍ରତିଫଳିତ କରିଛନ୍ତି ।



ପୂର୍ବତଟ ରେଳପଥ ବକ୍ସିଂ ଖେଳାଳି ମାନଙ୍କର ସଫଳତାକୁ ସ୍ୱୀକୃତି ଦେଇ ଛଅ ଜଣ ବିଶିଷ୍ଟ ଖେଳାଳି - ପୁରୁଷ ଦଳର ତିନିଜଣ ଏବଂ ମହିଳା ଦଳର ତିନିଜଣ - ଜାତୀୟ ବକ୍ସିଂ ଦଳକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି, ଯାହା ପୂର୍ବତ ରେଳପଥ ଖେଳାଳି ମାନଙ୍କ ପାଇଁ ଏକ ଉଲ୍ଲେଖନୀୟ ପ୍ରଦର୍ଶନ।

ଆଜି ଭୁବନେଶ୍ୱର ଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବ୍ୟକ୍ତିଗତ ଭାବେ ବିଜୟ ବକ୍ସରମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ପ୍ରଶଂସା କରିଥିଲେ। ସେମାନଙ୍କର ଭବିଷ୍ୟତ ପ୍ରୟାସ ପାଇଁ ସେ ତାଙ୍କର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଉଭୟ ରେଳବାଇ ଏବଂ ଦେଶକୁ ଗର୍ବିତ କରିବାକୁ ଉତ୍ସାହିତ କରିଥିଲେ।

# ୪୬ ବର୍ଷରେ ପାଦ ଥାପିଲେ ଜାହିର

ମୁମ୍ବାଇ,୭।୧୦: ୨୦୧୧ରେ ଭାରତ ଜିତିଥିଲା ଦିନିକିଆ। ବିଶ୍ୱକପ୍ ଟ୍ରଫି ଦୀର୍ଘ ୨୮ ବର୍ଷ ପରେ କୋଟି କୋଟି ଭାରତୀୟ ଫ୍ୟାନ୍ସଙ୍କ ଆସିଥିଲା ବିଶ୍ୱକପ୍ ବିଜୟର ଖୁସି ପୂରା ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ ଲାଗି ଯୁବରାଜ ସିଂହଙ୍କୁ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟର ପୁରସ୍କାର ଦିଆଯାଇଥିଲା। ହେଲେ ଏହି ବିଜୟରେ ଆଉ ଜଣେ ହିରୋଙ୍କୁ ଆମେ ସମସ୍ତେ ଭୁଲିଯାଉଛେ। ଆଉ ସେ ହେଉଛନ୍ତି ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ଜାହିର ଖାନ୍ ୨୦୧୧ ବିଶ୍ୱକପ୍‌ରେ ଜାହିର ଖାନ୍ ସର୍ବାଧିକ ୨୧ଟି ଓ୍ୱିକେଟ୍ ନେଇଥିଲେ। ୭ ଅକ୍ଟୋବର ୨୦୨୪ ମାନେ ଆଜି ଜାହିର ଖାନ୍ ୪୬ ବର୍ଷରେ ପାଦ ଥାପିଛନ୍ତି।



ଜାହିର ଖାନ୍ ଭାରତୀୟ ବୋଲିଂ ୟୁନିଟର ସଚିନ ତେନ୍ଦୁଲକର ଥିଲେ ଅଧିନାୟକ ବଦଳିଥିଲେ, ସମୟ ବି ବଦଳିଥିଲା ହେଲେ ଏହି ବୋଲରଙ୍କ ଟିମ୍ ପ୍ରତି ଥିବା ନିଜର ରଣକୌଶଳ କେବେବି ବଦଳିନଥିଲା। ଅନେକ ବର୍ଷ ଧରି ବୋଲିଂ ୟୁନିଟର ପ୍ରମୁଖ ଅସ୍ତ୍ର ଥିଲେ ଜାହିର ଖାନ୍। ଜଣେ ବୋଲର ଭାବେ ସୁଇଂ, ରିଭର୍ସ ସୁଇଂ ପରି ଜାଦୁର କ୍ଷମତା ଥିଲା ଜାହିରଙ୍କ ହାତରେ ଯାହାକୁ ଫ୍ୟାନ୍ସ ଏବେ ମିସ୍ କରୁଛନ୍ତି ।

ମହାରାଷ୍ଟ୍ରର ଶ୍ରୀରାମପୁରରେ ୧୯୭୮ ମସିହାରେ ଜାହିର ଖାନ୍ ବା ଜାକଙ୍କ ଜନ୍ମ ପାଠ ପଢାରେ ବି ଜାହିର ଥିଲେ। ଆଗରେ ପିଲାବେଳୁ ଇଞ୍ଜିନିୟର ହେବାକୁ ଇଚ୍ଛା ଥିଲା ହେଲେ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ଇଞ୍ଜିନିୟର ହେବା ବଦଳରେ ୨୨ ଗଜ କ୍ରିଜ୍‌ରେ ଥାପିଲେ ପାଦ ଆଉ ଧୀରେ ଧୀରେ ଆରମ୍ଭ ହେଲା କ୍ରିକେଟର କ୍ୟାରିୟର ୧୪ ବର୍ଷର କ୍ରିକେଟ୍ କ୍ୟାରିୟରରେ ଭାରତ ପାଇଁ ଅନେକ ମ୍ୟାଚ୍‌ରେ ଟ୍ରମ୍ପକାର୍ଡ ସାଜିଛନ୍ତି ଜାହିର ଖାନ୍। ମୋଟ ୯୨ଟି ଟେଷ୍ଟ ମ୍ୟାଚ୍ ଖେଳି ୩୧୧ଟି ଓ୍ୱିକେଟ୍ ନେଇଥିବା ବେଳେ ୨୦୦ଟି ଦିନିକିଆ ମ୍ୟାଚ୍ ଖେଳି ୨୮୨ଟି ଓ୍ୱିକେଟ୍ ନେଇଛନ୍ତି। ବାକି ୧୭ଟି ଟି-୨୦ ମ୍ୟାଚ୍ ଖେଳି ନେଇଛନ୍ତି ୧୭ଟି ଓ୍ୱିକେଟ୍। ସେହିପରି ୧୦୦ଟି ଆଇପିଏଲ୍ ମ୍ୟାଚ୍ ଖେଳି ୧୦୨ଟି ଓ୍ୱିକେଟ୍ ନେଇଛନ୍ତି।

# କୋହଲିଙ୍କ ମହାରେକର୍ଡ ଭାଙ୍ଗିଲେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ,୭।୧୦: ଗ୍ୱାଲିଅରରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି -୨୦ରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ଚମତ୍କାର ଇନିଂସ ଖେଳିଥିଲେ। ହାର୍ଦ୍ଦିକଙ୍କ ଚମତ୍କାର ଇନିଂସ ଯୋଗୁଁ ଟିମ ଇଣ୍ଡିଆ। ମାତ୍ର ୧୧.୫ ଓଭରରେ ଏକପାଖିଆ। ବିଜୟ ହାସଲ କରିଛି। ଭାରତୀୟ ଅଲରାଉଣ୍ଡର ବାଂଲାଦେଶ ବିପକ୍ଷ ମ୍ୟାଚକୁ ଛକା ମାରି ଶେଷ କରିଥିଲେ। ଛକା ମାରି ସେ ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗିଥିଲେ।

ନ୍ୟୁ ମାଧବରାଓ ସିନ୍ଧିଆ। କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ହାର୍ଦ୍ଦିକ ଟିମ ଇଣ୍ଡିଆ। ପାଇଁ ୩୯ ଅପରାଜିତ ରନ ସଂଗ୍ରହ କରି ୧୬ ବଲରେ ୫ ଚୌକା ଓ ୨ ଛକା କରିଥିଲେ। ଏହି ସମୟ ମଧ୍ୟରେ ସେ ଟିମ ଇଣ୍ଡିଆକୁ ଛକା ମାରି ବିଜୟ ଆଡକୁ ଆଗେଇ ନେଇଥିଲେ, ଯେଉଁଥିରେ ସେ ଟି -୨୦ ଇଣ୍ଟରନ୍ୟାସନାଲରେ ସର୍ବାଧିକ ଥର ଛକା ମାରି ଭାରତକୁ ବିଜୟରେ ପହଞ୍ଚାଇଥିଲେ।

ହାର୍ଦ୍ଦିକ ଟିମ ଇଣ୍ଡିଆକୁ ଟି-୨୦ ଇଣ୍ଟରନ୍ୟାସନାଲରେ ୫ଥର ଛକା ମାରି ବିଜୟୀ କରିଛନ୍ତି ଯେଉଁଠାରେ ବିରାଟ କୋହଲି ୪ ଥର ଏହା କରିଛନ୍ତି। ଏହିପରି ହାର୍ଦ୍ଦିକ କିଙ୍ଗ କୋହଲିଙ୍କ ମହାନ ରେକର୍ଡ ଭାଙ୍ଗିଥିଲେ। ଏହି ତାଲିକାରେ ପୂର୍ବତନ ଅଧିନାୟକ ଏମଏସ ଧୋନି ଏବଂ ବ□ମାନର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ମଧ୍ୟ ଉପସ୍ଥିତ ଅଛନ୍ତି ଭାରତ ପାଇଁ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଶେଷ କରି ଉଭୟ ବ୍ୟାଟ୍ସମ୍ୟାନ ୩-୩ଥର ଛକା ମାରିଥିଲେ।



# ପୁରୁଷ ଏବଂ ମହିଳା କ୍ରିକେଟରେ ପାର୍ଥକ୍ୟ ?

ଦୁବାଇ,୭।୧୦: ମହିଳା ଟି-୨୦ ବିଶ୍ୱକପ ୨୦୨୪ ଦୁବାଇରେ ଖେଳାଯାଉଛି। ଏହି ୱାର୍ଲ୍‌ଡକପ୍ ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆ। ସମେତ ମୋଟ ୧୦ଟି ଟିମ୍, ଟ୍ରଫି ପାଇଁ କରୁଛନ୍ତି ଜୋରଦାର ଲଢେଇ କିନ୍ତୁ ଜାଣନ୍ତି କି ପୁରୁଷ ଏବଂ ମହିଳା କ୍ରିକେଟରେ କଣ ରହିଥାଏ ପାର୍ଥକ୍ୟ ? କେଉଁକ୍ଷେତ୍ରରେ ଏହା ଭିନ୍ନ ହୋଇଥାଏ ? ମହିଳା ଏବଂ ପୁରୁଷ କ୍ରିକେଟରେ କେବଳ ଚୌକା-ଛକାର ଫରକ ନଥାଏ ବରଂ ବଲ୍ ଠାରୁ ବାଉଣ୍ଡ୍ରିଯାଏଁ ସବୁ ହୋଇଥାଏ ଭିନ୍ନ ।

ମହିଳା କ୍ରିକେଟରେ ବ୍ୟବହାର ହେଉଥିବା ବଲ୍‌ର ଓଜନ କମ ହୋଇଥାଏ। ଏହି ବଲ୍‌ର ଓଜନ ୧୪୦ରୁ ୧୫୧ ଗ୍ରାମ ମଧ୍ୟରେ ହୋଇଥାଏ। ଯେତେବେଳେ କି, ପୁରୁଷ କ୍ରିକେଟର ବଲର ଓଜନ ୧୫୬ରୁ ୧୬୩ ଗ୍ରାମର ହୋଇଥାଏ ।ଅନ୍ୟପଟେ ମହିଳା କ୍ରିକେଟରେ ବ୍ୟବହାର ହେଉଥିବା ବଲ୍‌ର ପରିଧି ୨୧.୦ ସେମିରୁ ୨୨.୫ ସେମି ପର୍ଯ୍ୟନ୍ତ ରହିଥାଏ କିନ୍ତୁ ପୁରୁଷ କ୍ରିକେଟରେ ବଲର ପରିଧି ୨୨.୪ରୁ ୨୨.୯ ସେମି ମଧ୍ୟରେ ରହିବା ଜରୁରୀ ହୋଇଥାଏ।ବଲ୍ ବ୍ୟତୀତ ମହିଳା କ୍ରିକେଟ୍ ଏବଂ ପୁରୁଷ କ୍ରିକେଟରେ ବାଉଣ୍ଡ୍ରିମଧ୍ୟରେ ମଧ୍ୟ ପାର୍ଥକ୍ୟ ରହିଥାଏ। ମହିଳା କ୍ରିକେଟରେ ବାଉଣ୍ଡ୍ରି୫୫ ରୁ ୬୫ମିଟର ମଧ୍ୟରେ ରହିଥାଏ। ସେହିପରି ପୁରୁଷ କ୍ରିକେଟରେ ବାଉଣ୍ଡ୍ରି ଲମ୍ବ ୬୦ ରୁ ୯୦ ମିଟର ପର୍ଯ୍ୟନ୍ତ ହୋଇଥାଏ।ତେବେ ମହିଳା ଏବଂ ପୁରୁଷ କ୍ରିକେଟରଙ୍କ ବ୍ୟାଟ୍ ପାଇଁ ଆଇସିସି ନିୟମ ତିଆରି କରିଛି। ଏଥିରେ ବ୍ୟାଟ୍ ନିୟମରେ କୌଣସି ପାର୍ଥକ୍ୟ କରାଯାଇନି। କିନ୍ତୁ ମହିଳା ଖେଳାଳିମାନେ ପୁରୁଷଙ୍କ ଅପେକ୍ଷା ହାଲୁକା ବ୍ୟାଟ୍‌ରେ ଖେଳିଥାନ୍ତି।ନିୟମ ଅନୁଯାୟୀ ବ୍ୟାଟରେ ଲମ୍ବ ସର୍ବାଧିକ ୩୮ ଇଞ୍ଚ ଏବଂ ମୋଟେଇ ୪.୨୫ଇଞ୍ଚ ହୋଇଥାଏ। ବ୍ୟାଟରେ ଓଜନ ୧ କିଲୋ ୪ଗ୍ରାମର ହୋଇଥାଏ କିନ୍ତୁ ଅଧିକାଂଶ ମହିଳା କ୍ରିକେଟର ପ୍ରାୟ ୧ କିଲୋ ୧୦ ଗ୍ରାମର ଓଜନର ବ୍ୟାଟ୍ ବ୍ୟବହାର କରନ୍ତି ଅନ୍ୟପଟେ ପୁରୁଷ କ୍ରିକେଟରମାନେ ୧ କିଲୋ ୨୦ ଗ୍ରାମର ବ୍ୟାଟରେ ଖେଳିଥାନ୍ତି।

ମହିଳା ଏବଂ ପୁରୁଷ ଟେଷ୍ଟ ମ୍ୟାଚ୍ ମଧ୍ୟରେ ମଧ୍ୟ ପାର୍ଥକ୍ୟ ଅଛି ମହିଳା ଟେଷ୍ଟ ମ୍ୟାଚ୍ ୪ ଦିନର ହୋଇଥାଏ କିନ୍ତୁ ପୁରୁଷ ଟେଷ୍ଟ ମ୍ୟାଚ୍ ୫ ଦିନ ପର୍ଯ୍ୟନ୍ତ ଚାଲିଥାଏ ସେହିଭଳି ମହିଳା ଟେଷ୍ଟ ମ୍ୟାଚରେ ପ୍ରତିଦିନ ୧୦୦ ଓଭର ବୋଲିଂ କରିବାର ନିୟମ ରହିଛି ପୁରୁଷ ଟେଷ୍ଟ ମ୍ୟାଚ୍ରେ ୯୦ ଓଭର ଖେଳିବାର ନିୟମ ରହିଛି ମହିଳା ଟେଷ୍ଟ ମ୍ୟାଚରେ ୧୫୦ ରନ୍ ଅନ୍ତରରେ ଫଲୋଅନ୍ ନିୟମ ଲାଗୁ ହୋଇଥାଏ ପୁରୁଷ ଟେଷ୍ଟ କ୍ରିକେଟରେ ଏଥିପାଇଁ ଅତିକମରେ ୨୦୦ ରନର ଅଗ୍ରଣୀ ରହିବା ଉଚିତ।

ତେବେ ମହିଳା ଟେଷ୍ଟ ମ୍ୟାଚରେ ଘଣ୍ଟାକରେ ହାରାହାରି ୧୭ ଓଭର ବୋଲିଂ କରିବାକୁ ପଡିଥାଏ ଯାହା ପୁରୁଷ ଟେଷ୍ଟ ମ୍ୟାଚ ଠାରୁ ୨ ଓଭର ଅଧିକ ମହିଳା ଟେଷ୍ଟ ମ୍ୟାଚରେ ଗୋଟିଏ ଓଭର ପାଇଁ ହାରାହାରି ୩ ମିନିଟ୍ ୬ ସେକେଣ୍ଡ ସ୍ଥିର କରାଯାଇଥାଏ କିନ୍ତୁ ପୁରୁଷ ମ୍ୟାଚରେ ହାରାହାରି ସମୟ ୪ ମିନିଟ୍ ହୋଇଥାଏ ଏହାବ୍ୟତୀତ ପ୍ଲେୟରଙ୍କର ପଡ଼ିଆ। ବାହାରେ ରହିବା ପାଇଁ ପେନାଲ୍ଟି ସମୟ ମଧ୍ୟ ଅଲଗା ରହିଥାଏ ମହିଳା ଟେଷ୍ଟ ମ୍ୟାଚରେ ଏଥିପାଇଁ ସର୍ବାଧିକ ସମୟ ସୀମା ୧୧୦ ମିନିଟ୍ ସ୍ଥିର ହୋଇଛି ପୁରୁଷ ମ୍ୟାଚରେ ଚଳିତଥର ୧୨୦ ମିନିଟ୍ ହୋଇଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ